# କେନ୍ଦୁଝର ପାଇଁ ଅନୁମତି, ଯାଜପୁରରୁ ଲୁଟ୍

## କୁଶେଇ ନଦୀରେ ବାଲି ଲୁଟ୍ ଅଭିଯୋଗ

- ବର୍ଷକର ଅନୁମତି ପରିମାଣ ୭ଦିନରେ ଶେଷ
- ୩ ଜଣିଆ କମିଟି ତଦନ୍ତ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ

**ଯାଜପୁର,୨୭।୧(ହର୍ଷବର୍ଦ୍ଧନ ବେହେରା)**

କେନ୍ଦୁଝର ଜିଲାର ଏକ ଘାଟରୁ ବାଲି ଉତ୍ତୋଳନ ପାଇଁ ଅନୁମତି ମିଳିଥିବାବେଳେ ଯାଜପୁର ଜିଲା ଅଞ୍ଚଳରୁ ବାଲି ଲୁଟ୍ ହେଉଛି। ଏପରି କି ଅନୁମତି ମିଳିଥିବା ବର୍ଷକର ବାଲି ଉତ୍ତୋଳନ ପରିମାଣକୁ ଏକାଧିକ ମେଶିନ ଲଗାଇ ୭ ଦିନ ମଧ୍ୟରେ ଶେଷ କରାଯାଇଛି। ଯାଜପୁର ଜିଲା ଦାନଗଦି ବ୍ଲକ ବାଙ୍ଗରକୋଟା ମୌଜା ଅଧୀନ କୁଶେଇ ନଦୀ ବାଲିଘାଟରେ ଘସିପୁରା ନିର୍ବାଚନମଣ୍ଡଳୀର ଜଣେ ନେତାଙ୍କ ସମ୍ପର୍କୀୟମାନେ ଏଭଳି ଭାବେ ବାଲି ଲୁଟ୍ କରୁଥିବା ଅଭିଯୋଗ ହୋଇଛି। ଏନେଇ ରାଜସ୍ୱ ଏବଂ ଯାଜପୁର ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିଛନ୍ତି। ଏହି ମର୍ମରେ ଆବେଦନକାରୀ ତାପସ କୁମାର ବଳଙ୍କ ପକ୍ଷରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ୦୨/୨୦୨୪/ଇଜେଡ୍ ନମ୍ବରରେ ଏକ ମାମଲା ରୁଜୁ କରିଛନ୍ତି। ଏହି ମାମଲାରେ ଏକ ୩ ଜଣିଆ ତଦନ୍ତ କମିଟି ଗଠନ କରି ୪ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ଏନ୍‌ଜିଟି ଜଷ୍ଟିସ ଅମିତ ସ୍ଥାଲେକର ଓ ଏକ୍ସପର୍ଟ ମେମ୍ବର ଅରୁଣ କୁମାର ବର୍ମା କେନ୍ଦୁଝର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



କୁଶେଇ ନଦୀରୁ ବାଲି ଚାଲାଣ ହେଉଛି।

ଏନ୍‌ଜିଟିରେ ହୋଇଥିବା ଅଭିଯୋଗ ଅନୁସାରେ କେନ୍ଦୁଝର ଜିଲା ଘସିପୁରା ତହସିଲ ଅଧୀନ ଦେଓଗାଁ କୁଶେଇ ନଦୀର ବାଲିଘାଟକୁ ଶ୍ରୀସାଇ କନଷ୍ଟ୍ରକ୍ସନ ଲିଜ୍‌ରେ ନେଇଛି। ଲିଜ୍ ଅନୁସାରେ ଖାତା ନମ୍ବର ୩୫୨ ଓ ପ୍ଲଟ ନମ୍ବର ୧୨୯୭/୧ର ୧୧.୫୦ ଏକର ଅଞ୍ଚଳରୁ ପ୍ରଥମ ବର୍ଷରେ ୭୦୦୦ ଘନମିଟର ଓ ଦ୍ୱିତୀୟ ବର୍ଷରେ ୧୭୫୦ ଘନମିଟର ବାଲି ଉତ୍ତୋଳନ କରାଯିବ। ଏଥିପାଇଁ ୨୭।୪।୨୦୨୩ରେ ପରିବେଶଗତ ଅନୁମତି ଓ ୨୧।୬।୨୦୨୩ରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସପିସିବି) ପକ୍ଷରୁ ପରିଚାଳନାଗତ ଅନୁମତି ପ୍ରଦାନ କରାଯାଇଛି। କିନ୍ତୁ ଲିଜଧାରୀ ଶ୍ରୀସାଇ କନଷ୍ଟ୍ରକ୍ସନ ଦ୍ୱାରା ବାଲି ଲଘୁ ଖଣି ପରିଚାଳନା ଆଇନ-୨୦୧୬କୁ ଉଲ୍ଲଂଘନ କରାଯାଇ ୫୦ରୁ ଊର୍ଦ୍ଧ୍ୱ ହାଇୱା ଗାଡ଼ି ସହାୟତାରେ ଦୈନିକ ପ୍ରାୟ ୧୦୦୦ ଘନମିଟର ବାଲି ଉତ୍ତୋଳନ ହେଉଥିବା ଅଭିଯୋଗ ହୋଇଛି। ଅର୍ଥାତ୍ ବାର୍ଷିକ ୭୦୦୦ ଘନମିଟର ବାଲି ଉତ୍ତୋଳନ କରିବାକୁ ଅନୁମତି ମିଳିଥିବାବେଳେ ଏହି ପରିମାଣ ୭ ଦିନରେ ଶେଷ କରାଯାଇଛି। ବାକି ଆଜି ପର୍ଯ୍ୟନ୍ତ ଦୈନିକ ୧୦୦୦ ଘନମିଟର ବାଲି ଅନୁସାରେ ଲୁଟ ଚାଲିଛି। ଏଥିରୁ ରାଜ୍ୟ ସରକାର କେତେ ପରିମାଣର ରାଜସ୍ୱ ହରାଉଛନ୍ତି ତାହା ସହଜେ ଅନୁମେୟ। ଏହାବାଦ ଗ୍ରାମ ବସ୍ତି ରାସ୍ତାରେ ଓଭରଲୋଡିଂ ବାଲି ପରିବହନ କରାଯାଉଛି। ଏହାସହ ବିଭିନ୍ନ କ୍ଷମତା ବିଶିଷ୍ଟ ଏକାଧିକ ମେଶିନ ବ୍ୟବହାର କରାଯାଉଛି। ନଦୀର ଶୁଖା ଅଞ୍ଚଳରୁ ଶ୍ରମିକଙ୍କ ଦ୍ୱାରା ବାଲି ଉତ୍ତୋଳନ ନିୟମ ରହିଥିବାବେଳେ ପାଣି ଭିତରୁ ମେଶିନ ସହାୟତାରେ ଉତ୍ତୋଳନ ହେଉଛି। କୁଶେଇ ନଦୀ କେନ୍ଦୁଝର ଓ ଯାଜପୁର ଜିଲା ଅଞ୍ଚଳ ଦେଇ ପ୍ରବାହିତ ହେଉଛି। ବାଲି ଉତ୍ତୋଳନ ପାଇଁ ମିଳିଥିବା ଅନୁମତି ଅଞ୍ଚଳ ବାହାରେ ତଥା ଯାଜପୁର ଜିଲା ଦାନଗଦି ବ୍ଲକ ବାଙ୍ଗରକୋଟା ମୌଜା ଏବଂ କେନ୍ଦୁଝର ଜିଲା କୋଟିଆନାଣ୍ଡି ଓ କେଶଦୁରାପାଳ ମୌଜା ଅଞ୍ଚଳରୁ ବ୍ୟାପକ ବାଲି ଚୋରାଚାଲାଣ ହେଉଛି। ଏହିସବୁ ଅଞ୍ଚଳ ଅନୁମତିପ୍ରାପ୍ତ ବାଲିଘାଟ ଦେଓଗାଁଠାରୁ ପ୍ରାୟ ୫୦୦ ମିଟର ଦୂରତା ହେବ। ଏହାବାଦ୍ ବର୍ଷାଦିନେ ମଧ୍ୟ ନଦୀରୁ ବାଲି ଉତ୍ତୋଳନ କରାଯାଇଛି। ବେଆଇନ ବାଲି ଉଠାଣ କେବଳ ରାଜ୍ୟର ରାଜସ୍ୱ କ୍ଷତି କରୁନାହିଁ, ବରଂ ନଦୀର ପ୍ରାକୃତିକ ସମତୁଳନ ପ୍ରକ୍ରିୟାକୁ ବ୍ୟାହତ କରୁଛି। ଏହାବାଦ୍ ନଦୀକୂଳ ଗ୍ରାମବାସୀଙ୍କ ଜୀବନଚର୍ଯ୍ୟା ଉପରେ ନକରାତ୍ମକ ପ୍ରଭାବ ପକାଇଛି। ଏହାକୁ ପ୍ରତିହତ କରିବାକୁ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏକାଧିକ ନିର୍ଦ୍ଦେଶ ଓ ଗାଇଡ୍‌ଲାଇନ୍ ଜାରି କରାଯାଉଥିଲେ ମଧ୍ୟ ବେଆଇନ ବାଲି କାରବାର ବନ୍ଦ ହେଉନାହିଁ। କୁଶେଇ ନଦୀ ବାଲିଘାଟରୁ ବାଲି ଲୁଟ୍ ଅଭିଯୋଗର ସତ୍ୟତା ବାହାର କରିବାକୁ ଏନ୍‌ଜିଟି ପକ୍ଷରୁ ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ(ଏସ୍‌ଇଆଇଏଏ) ଏବଂ ଏସ୍‌ପିସିବିର ବରିଷ୍ଠ ବୈଜ୍ଞାନିକ ଏବଂ କେନ୍ଦୁଝର ଜିଲାପାଳଙ୍କୁ ନେଇ ଗଠିତ ଯୁଗ୍ମ କମିଟି ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ଏଥିରେ ଏସପିସିବି ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରିବ। ତଦନ୍ତ ରିପୋର୍ଟ ଦାଖଲ ହେବା ପରେ ୧୧।୩।୨୦୨୪ରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ଏନ୍‌ଜିଟି ନିର୍ଦ୍ଦେଶରେ ଦର୍ଶାଯାଇଛି।

## ସଂକ୍ଷେପରେ

### ମା' ହିଙ୍ଗୁଳା କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ

**କଳିଙ୍ଗନଗର,୨୭।୧(ଶୁଭାଶିଷ ରାଉତ):**

ଯଖପୁରା ଗ୍ରାମରେ ମା' ହିଙ୍ଗୁଳା କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ମା' ହିଙ୍ଗୁଳା କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଦାନଗଦି ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ସମ୍ମାନିତ ଅତିଥି ୧୦ନଂ. ଜିଲା ପରିଷଦ ସଭ୍ୟା ସୁଚିତ୍ରା ବିଶ୍ୱାଳ, ଯଖପୁରା ଥାନା ଅଧିକାରୀ ସଞ୍ଜୟ ପରିଡ଼ା, ଯଖପୁରା ସରପଞ୍ଚ ଅରୁଣ୍ୟଜ୍ୟୋତି ସାମଲ, ସମିତି ସଭ୍ୟ ଜୟପ୍ରକାଶ ସାହୁ ଓ ଜଖପୁରା ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ରାୟ ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଶିଳ୍ପାଞ୍ଚଳ ସହିତ ଆଖପାଖ ଅଞ୍ଚଳର ପ୍ରାୟ ୪୦ ଦଳକୁ ନେଇ ମମିତା ଏଣ୍ଟରପ୍ରାଇଜେସ ତରଫରୁ ଏହି ଟୁର୍ନାମେଣ୍ଟ ଜାନୁଆରୀ ୨୬ରୁ ଆରମ୍ଭ ହୋଇଛି। ଏହା ଫେବୃଆରୀ ୧୧ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି କ୍ଲବ୍‌ର ମୁଖ୍ୟ ଉପଦେଷ୍ଟା ପଦ୍ମନାଭ ପହି ଓ ପ୍ରମୋଦ ନାୟକ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ କଳିଙ୍ଗନଗରର ଅଞ୍ଚଳରେ କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ବାଘୁଆଶୁଣୀ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଝୁଞ୍ଝୁରୀ,୨୭।୧(ସରୋଜ ନାୟକ):**

ଦଶରଥପୁର ବ୍ଲକ୍ ବିହାରୀ ପଞ୍ଚାୟତ ବାଘୁଆଶୁଣୀ ହାଇସ୍କୁଲ ପଡ଼ିଆରେ ମା' ବାଘୁଆଶୁଣୀ କ୍ରିକେଟ୍ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଅତିଥିଭାବେ ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ବିଷ୍ଣୁଚରଣ ମହାପାତ୍ର, ବିହାରୀ ସରପଞ୍ଚ ଇନ୍ଦୁମତୀ ମଲ୍ଲିକ, ସମିତିସଭ୍ୟ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନ ୪ ଦଳ ମଧ୍ୟରେ ଖେଳ ହୋଇଥିଲା। ପ୍ରଥମେ ବରୀକୂଳ କ୍ରିକେଟ୍ ଟିମ୍ ଓ ରାହାସୋଇ କ୍ରିକେଟ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ବରୀକୂଳ ୨୦ ଓଭର ବ୍ୟାଟିଂ କରି ୨୪୬ ରନ୍ କରିଥିବାବେଳେ ରାହାସୋଇ କ୍ରିକେଟ୍ ଟିମ୍ ୧୩୯ ରନ୍ କରି ସମସ୍ତ ଉଇକେଟ୍ ହରାଇ ୧୦୭ ରନ୍‌ରେ ପରାଜିତ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ବିରିପଟା କ୍ରିକେଟ୍ ଟିମ୍ ୧୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୯୬ ରନ୍ କରିଥିବାବେଳେ ଅସନପୁର କ୍ରିକେଟ୍ ଟିମ୍ ୯.୨ ଓଭରରେ ୮୦ ରନ୍ କରି ଅଲଆଉଟ୍ ହୋଇ ୧୬ ରନ୍‌ରେ ପରାଜୟ ବରଣ କରିଥିଲା। ବିରିପଟା କ୍ରିକେଟ୍ ଟିମ୍‌ର ତପନ ଚିରଞ୍ଜିବୀ ନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଦଶରଥପୁର ବ୍ଲକ୍‌ର ୧୫ ପଞ୍ଚାୟତକୁ ନେଇ ୧୬ ଟିମ୍ ଟୁର୍ନାମେଣ୍ଟରେ ଭାଗ ନେଇଛନ୍ତି। ଆସନ୍ତା ୩ ତାରିଖରେ ଫାଇନାଲ ଖେଳ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟ ଆୟୋଜନରେ ଦେବେନ୍ଦ୍ର ନାଥ, ସୁଧାଂଶୁ ଦାସ, ପ୍ରକାଶ କୁମାର ସାମଲ, ଦଶରଥ ଦାସ, ବିଶ୍ୱଜିତ ସ୍ୱାଇଁ ଓ ରୁଦ୍ରପ୍ରସାଦ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ଯାଜପୁରରୋଡ୍-ଧାମରା ରେଳପଥ ସର୍ଭେ

### ପାଲଟପୁରଠାରେ ଷ୍ଟେଶନ ନିର୍ମାଣ ଦାବି

**ଝୁଞ୍ଝୁରୀ,୨୭।୧(ସରୋଜ ନାୟକ):**

ଯାଜପୁର ରୋଡ୍-ଧାମରା ନୂତନ ରେଳପଥ ନିର୍ମାଣ ଲାଗି କେନ୍ଦ୍ର ସରକାର ସମସ୍ତ ପ୍ରସ୍ତୁତି ଶେଷ କରିବାପରେ ବିଭାଗୀୟ ସର୍ଭେ ଆରମ୍ଭ ହୋଇଛି। ଏହି ସର୍ଭେରେ ବିଭିନ୍ନ ସ୍ଥାନରେ ଷ୍ଟେଶନ ନିର୍ମାଣ ନିମନ୍ତେ କାର୍ଯ୍ୟ ଜାରି ରହିଛି। ଦଶରଥପୁର ବ୍ଲକ୍‌ଦେଇ ଯାଇଥିବା ଏହି ରେଳପଥ ପାଲଟପୁର ମଧ୍ୟରେ ଯାଉଥିବାବେଳେ ନନ୍ଦିପୁର ପଞ୍ଚାୟତ ଶିରିପୁରା ଷ୍ଟେଶନଠାରୁ ଏହି ରେଳପଥ ପରବର୍ତ୍ତୀ ମଙ୍ଗଳପୁର ଷ୍ଟେଶନ ନିର୍ମାଣ ହେବ ବୋଲି ସ୍ଥିର କରାଯାଇଛି। ତେଣୁ ଭୌଗୋଳିକ ଦୃଷ୍ଟିକୋଣରୁ ପାଲଟପୁରଠାରେ ନୂତନ ଷ୍ଟେଶନ ନିର୍ମାଣ କରାଗଲେ ଅଧିକ ଲୋକ ଉପକୃତ ହେବେବୋଲି ପାଲଟପୁରବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏଠାରେ ଷ୍ଟେଶନ କରାଗଲେ ପାଲଟପୁର, ଜାଫରପୁର, ବିରିପଟା, କନିକାପଡ଼ା, ଅସନପୁର ଓ ଚଷାଖଣ୍ଡ ପଞ୍ଚାୟତର ଲୋକେ ସୁବିଧା ଭୋଗ କରିପାରିବେ। ଏହାଛଡ଼ା ବିଞ୍ଝାରପୁର ବ୍ଲକ୍ ଓ କେନ୍ଦ୍ରାପଡ଼ା ଜିଲା ଓଳାଭରକୁ ସିଧାସଳକ ଯୋଗାଯୋଗ ଥିବାରୁ ଏହା ବିଶେଷ ଉପଯୋଗୀ ହୋଇପାରିବ। ନିକଟସ୍ଥ ନାରୀଗାଁଠାରେ ମହାପ୍ରଭୁ ଜଗନ୍ନାଥଙ୍କ ବିଶାଳ ମନ୍ଦିର ଥିବାରୁ ଏହି ଷ୍ଟେସନରୁ ଭକ୍ତମାନେ ଓହ୍ଲାଇ ପ୍ରଭୁଙ୍କୁ ଦର୍ଶନ କରିପାରିବେ। ପଞ୍ଚାୟତବାସୀଙ୍କ ପକ୍ଷରୁ ଏଠାରେ ଷ୍ଟେଶନ ନିର୍ମାଣ ପାଇଁ ସରପଞ୍ଚ ଲିପିକା ମଲ୍ଲିକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡ଼ା ଓ ଯୁବନେତା ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ ଓ ଯାଜପୁରର ଅତିରିକ୍ତ ଜିଲାପାଳ ନବକିଶୋର ଜେନାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

## ଜଗନ୍ନାଥ ସଂସ୍କୃତିର ଚେତନା ସମ୍ପର୍କିତ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

**ରସୁଲପୁର,୨୭।୧(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ୟୁଏନ୍‌ଏସ୍ କଲେଜ (ଉପେନ୍ଦ୍ର ନାଥ ଶାରଦା ମହାବିଦ୍ୟାଳୟ) ଖଇରାବାଦ-ମୁଗୁପାଳଠାରେ ଜଗନ୍ନାଥ ସଂସ୍କୃତିର ଚେତନା ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ସୁରେନ୍ଦ୍ର କୁଅଁରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବରାଳ, ମୁଖ୍ୟବକ୍ତା ଅଧ୍ୟାପକ ବିଜୟ କୁମାର ଦାସ, ସମ୍ମାନିତ ଅତିଥି ଅଧ୍ୟାପକ ସୁରେନ୍ଦ୍ର ମହାପାତ୍ର, ମଧୁସ୍ମିତା ସିଂ, ହେମନ୍ତ ରଣା, କାଦମ୍ବିନୀ ଦାସ, ସୀତା ଭୋଇ ଓ ପଦ୍ମିନୀ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଚେତନା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅଧ୍ୟାପକ ସିର୍ଦ୍ଧାର୍ଥ ଶଙ୍କର ରଥ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବାବେଳେ ବିଦ୍ୟୁଭୂଷଣ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୃଷ୍ଣଚନ୍ଦ୍ର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପଦ୍ମାଳୟା ପଣ୍ଡା, ବର୍ଷାରାଣୀ ସାହୁ, ମଧୁସ୍ମିତା ବାରିକ, କଲ୍ୟାଣୀ ନାୟକଙ୍କ ସମେତ କଲେଜର ବହୁ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଓଡ଼ିଆ ଅଧ୍ୟାପକ ପ୍ରଦୀପ କୁମାର ବଳ ଧନ୍ୟବାଦ ଦେଇଥିଲେ।

## ଶ୍ରୀଶ୍ରୀ ମୁକ୍ତେଶ୍ୱର ମହାଦେବଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା

**ଜେନାପୁର,୨୭।୧(ଅଶୋକ ଦାସ):**

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ କମାଗଡ଼ ପଞ୍ଚାୟତ ଗେଙ୍ଗୁଟିଆ ଗ୍ରାମରେ ଶ୍ରୀଶ୍ରୀ ମୁକ୍ତେଶ୍ୱର ମହାଦେବଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଓ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୨୪ରୁ ୨୬ ତାରିଖ ତିନିଦିନ ଧରି ପାଳିତ ହୋଇଥିଲା। ନାମିଦାମୀ କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୪ ତାରିଖ ସକାଳ ୭ଟାରେ ବ୍ରାହ୍ମଣୀ ନଦୀର କୁସ୍ତିରା ଘାଟରୁ କଳସ ଶୋଭାଯାତ୍ରା କରାଯାଇଥିଲା। ଗାଁର ଶତାଧିକ ମହିଳାପୁରୁଷ ଯୋଗଦେଇ ପୂର୍ଣ୍ଣ କଳସୀ ଧରି ବିଭିନ୍ନ ଗାଁ ପରିକ୍ରମା କରି ମୁକ୍ତେଶର ମନ୍ଦିର ପୀଠରେ ପହଞ୍ଚିଥିଲେ। ପଞ୍ଜାବୀ, ତେଲିଙ୍ଗି ବାଜା ସହିତ ସଂକୀର୍ତ୍ତନ ଓ ଆତସ ବାଜିରେ ଗାଁ ଦାଣ୍ଡ ଫାଟି ପଡୁଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରତିଦିନ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## ଘରେ ଘରେ ଶଙ୍ଖ ଅଭିଯାନ



ବିଧାୟିକା ଓ ଅନ୍ୟ କର୍ମୀ ପ୍ରଚାର ଅଭିଯାନରେ ସାମିଲ ହୋଇଛନ୍ତି।

**ବରୀ,୨୭।୧(ମହେନ୍ଦ୍ର ସ୍ୱାଇଁ):**

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ପକ୍ଷରୁ ଘରକୁଘର ଶଙ୍ଖ ଅଭିଯାନ ଆରମ୍ଭ ହୋଇଛି। ଦଳ କର୍ମକର୍ତ୍ତା ଘରକୁଘର ବୁଲି ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟ ସବୁକୁ ଜନସାଧାରଣଙ୍କୁ ବୁଝାଇବା ସହ ଶଙ୍ଖ ସପକ୍ଷରେ ଜନମତ ସୃଷ୍ଟି କରୁଛନ୍ତି। ଯାଜପୁର ଜିଲା ବରୀ ନିର୍ବାଚନମଣ୍ଡଳୀରେ ବିଧାୟିକା ସୁନନ୍ଦା ଦାସଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ବରୀ ବ୍ଲକ କିମ୍ବିରିଆପାଳ ପଞ୍ଚାୟତର ଗୋପାଳଜୀଉ ମନ୍ଦିରରୁ ପୂଜାର୍ଚ୍ଚନା କରି ବିଧାୟିକା ଏବଂ ଦଳୀୟ କାର୍ଯ୍ୟକର୍ତ୍ତା ଘରକୁଘର ବୁଲି ରାଜ୍ୟ ସରକାରଙ୍କ ବରୀରେ ହୋଇଥିବା ଏବଂ ହେଉଥିବା ଜନହିତକର ଉନ୍ନତିମୂଳକ କାର୍ଯ୍ୟ ସମ୍ବନ୍ଧରେ ବୁଝାଇବା ସହ ଘରେଘରେ ଦଳର ପ୍ରତୀକ ଶଙ୍ଖ ଚିହ୍ନ ଲଗାଇଥିଲେ। କାର୍ଯ୍ୟକ୍ରମ ଅବସରରେ ବିଧାୟିକା କହିଥିଲେ, ଏହି କାର୍ଯ୍ୟକ୍ରମ ନିର୍ବାଚନମଣ୍ଡଳୀ ସାରାବ୍ୟାପ୍ତ କରାଯିବ ଓ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦରେ ବରୀ ବିକାଶ କାର୍ଯ୍ୟକୁ ନିଶ୍ଚିତ ଭାବରେ ଆଗେଇ ନିଆଯିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ହରପ୍ରିୟା ସାହୁ, ସମିତିସଭ୍ୟା କାବେରୀ ମାଝି, ବ୍ଲକ ବିଜେଡି ସଭାପତି କେଦାର ସାମଲ, ଚନ୍ଦନପୁର ସରପଞ୍ଚ ଚପଳା ମଲ୍ଲ, କୈଳାସ ମଲିକ, ପ୍ରୀତିରଞ୍ଜନ ଜେନା, ଏମ୍‌ପିଙ୍କ ପ୍ରତିନିଧି ପ୍ରଦୀପ ଘଡ଼ାଇ, ପୂର୍ବତନ ସରପଞ୍ଚ ବିଜୟ ନାୟକ, ମନୋଜ ମଲ୍ଲ ଓ ଦଳିତ ନେତା ଦୁଷ୍ମନ୍ତ ସେଠୀଙ୍କ ସମେତ ବହୁ ଛାମୁଆ କର୍ମୀ ଉପସ୍ଥିତ ଥିଲେ।

## କୁଆଁର୍ଦା ମଦଦୋକାନ ଉଚ୍ଛେଦ ଦାବିରେ ବିକ୍ଷୋଭ

**କୋରେଇ,୨୭।୧(ଚନ୍ଦ୍ରକାନ୍ତ ପତି):**

କୋରେଇ ବ୍ଲକ ଅଧୀନ ତାହାରପୁର ପଞ୍ଚାୟତ କୁଆଁର୍ଦା ମୌଜାରେ ଦୀର୍ଘବର୍ଷ ହେବ ଗଢ଼ି ଉଠିଥିବା ବିଦେଶୀ ମଦ ଦୋକାନକୁ ଉଚ୍ଛେଦ ପାଇଁ ଦାବି ହୋଇଛି। ଏନେଇ ତାହାରପୁର ପଞ୍ଚାୟତର ଶତାଧିକ ମହିଳା ଶୁକ୍ରବାର ମଦ ଦୋକାନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦୀର୍ଘଦିନ ହେବ ବେଆଇନଭାବେ ଏହି ଦୋକାନ ଚାଲୁଥିବା ଦର୍ଶାଇ ମହିଳାମାନେ ମାଲିକଙ୍କୁ ଘେରିଥିଲେ। ଦୋକାନ ଜନବସତି ପାଖରେ ନିର୍ଦ୍ୱନ୍ଦ୍ୱରେ ଚାଲୁଥିବାବେଳେ ଏହାକୁ ବନ୍ଦ କରିବାକୁ ପଞ୍ଚାୟତବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ।

ଏହି ମଦ ଦୋକାନ ଆଖପାଖରେ ୨ ସ୍କୁଲ ରହିଛି। ଅନେକ ସମୟରେ ମଦ୍ୟପାନ କରି ମଦ୍ୟପ ରାସ୍ତାରେ ପଡୁଛନ୍ତି। ଛାତ୍ରୀଛାତ୍ର ସ୍କୁଲ, କଲେଜ ଯିବା ସମୟରେ ସେମାନେ ତାଙ୍କ ପ୍ରତି ବିଭିନ୍ନ ଅପଶବ୍ଦ ବ୍ୟବହାର କରୁଛନ୍ତି। ଯାହା ସ୍ଥାନୀୟ ଅଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଯେତେ ଅଭିଯୋଗ ହେଲେ ମଧ୍ୟ ପ୍ରଶାସନିକ ଅଧିକାରୀ ସମ୍ପୃକ୍ତ ମାଲିକଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଆଖି ବୁଜିଦେଇଛନ୍ତି। ଫଳରେ ମଦ ଦୋକାନୀ ଓ ଅଧିକାରୀଙ୍କ ମଧ୍ୟରେ ମାସିକିଆ ଡିଲ ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ କୋରେଇ ଥାନା ଏସ୍‌ଆଇ ପ୍ରଶାନ୍ତ ତ୍ରିପାଠୀଙ୍କୁ ପଚାରିବାରେ ସେ ଘଟଣାସ୍ଥଳକୁ ଯାଇ ମହିଳାମାନଙ୍କୁ ବୁଝାଶୁଝା କରି ପଠାଇଛନ୍ତି। ପରବର୍ତ୍ତୀ ପଦକ୍ଷେପ ଜିଲା ପ୍ରଶାସନ ନେବ ବୋଲି ସେ କହିଛନ୍ତି।

## ରାଆଁଶାଳ ନାଳ ପୁନରୁଦ୍ଧାର କାର୍ଯ୍ୟର ଭୂମିପୂଜନ

**ବଡ଼ଚଣା,୨୭।୧(ଦୀଲିପ ମହାନ୍ତି):**

ଚଣ୍ଡିଖୋଲ ଛଟ୍ ଘାଟଠାରେ ଜଳ ସମ୍ପଦ ବିଭାଗ ଜଳ ବିକାଶ ଖଣ୍ଡ ଯାଜପୁର ପକ୍ଷରୁ ରାଆଁଶାଳ ନାଳ ପୁନରୁଦ୍ଧାର କାର୍ଯ୍ୟର ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ବିହାରୀ ସମ୍ପ୍ରଦାୟର ଲୋକମାନଙ୍କ ଦୀର୍ଘ ଦିନର ଦାବିପୂରଣ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଏସଡ଼ିଓ ପୂର୍ଣ୍ଣଚନ୍ଦ୍ର ନାୟକ, ଯନ୍ତ୍ରୀ ବିକ୍ରମ ମହାପାତ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାଷ ଚନ୍ଦ୍ର ନନ୍ଦ, ଜିଲା ପରିଷଦ ସଭ୍ୟ ଯିତେନ୍ଦ୍ର ପ୍ରସାଦ ନାୟକ, ସଞ୍ଜୟ ସ୍ୱାଇଁ, ପ୍ରଦୀପ କୁମାର ନାୟକ, ବିଜୟପାଳ ଯାଦବ ଓ ଶୁଭ ନାରାୟଣ ଓଝା ପ୍ରମୁଖ ଯୋଗ ଦେଇଥିଲେ।

## ଆଞ୍ଚଳିକ ନେତାଜୀ ଆଦର୍ଶ ପ୍ରଚାର ସମିତି ଗଠିତ



ବୈଠକରେ ଆଞ୍ଚଳିକ ନେତାଜୀ ଆଦର୍ଶ ପ୍ରଚାର ସମିତି କର୍ମକର୍ତ୍ତା।

**ରସୁଲପୁର,୨୭।୧୧(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ଟିକରପଡ଼ା ପଞ୍ଚାୟତରେ 'ଆଞ୍ଚଳିକ ନେତାଜୀ ଆଦର୍ଶ ପ୍ରଚାର ସମିତି'ଗଠନ କରାଯାଇଛି। ଏହି ଅବସରରେ ପଞ୍ଚାୟତର କୁଜିବରଠାରେ ସର୍ବଭାରତୀୟ ନେତାଜୀ ଆଦର୍ଶ ପ୍ରଚାର ସମିତି ଓଡ଼ିଶା ଶାଖା ସଭାପତି ଗୋଲକ ବିହାରୀ ମଲ୍ଲିକଙ୍କ ପୌରୋହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଯୁବନେତା ଇଂ. ବିଶ୍ୱଜିତ ମହାନ୍ତି, ମୁଖ୍ୟବକ୍ତା ଶିକ୍ଷାବିତ୍ ଯୁଧିଷ୍ଠିର ସାମଲ, ସମ୍ମାନିତ ଅତିଥି ପୂର୍ବତନ ସରପଞ୍ଚ ଅତୁଲ୍ୟ ପ୍ରଧାନ, ସାହିତ୍ୟିକ ଅଚ୍ୟୁତାନନ୍ଦ ପାତ୍ର, ନିରଞ୍ଜନ ପ୍ରଧାନ, ନଟବର ପଣ୍ଡା, ସନାତନ ଘଡ଼େଇ, ଅଲେଖ ମଲ୍ଲିକ, କାବୁଲା ବିଶ୍ୱାଳ, ଲକ୍ଷ୍ମଣ ରାଉତ, ବିଶ୍ୱମ୍ଭର ମଲ୍ଲିକ ଓ ବେଣୁଧର ରାଉତ ପ୍ରମୁଖ ଯୋଗଦେଇ ନେତାଜୀଙ୍କ ନୀତି, ଆଦର୍ଶ ଓ ଦେଶକୁ ପ୍ରଗତିଶୀଳ କରିବାରେ ତାଙ୍କ ବାଣୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଗଠିତ ସମିତି ଜରିଆରେ ନେତାଜୀଙ୍କ ଜୀବନୀ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା, ସଂଗଠନ ପକ୍ଷରୁ ଜାନୁଆରୀ ୨୩ରେ ନେତାଜୀଙ୍କ ଜୟନ୍ତୀ ପାଳନ, ସାମାଜିକ କାର୍ଯ୍ୟକ୍ରମମାନ ଆୟୋଜନ ଓ ସମିତି ପକ୍ଷରୁ ନେତାଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ଭଳି କେତେକ ପ୍ରସ୍ତାବକୁ ଅଗ୍ରାଧିକାର ଦିଆଯାଇଥିଲା। ସଂଗଠନର ସମ୍ପାଦକ ଭିକାରୀ ଚରଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ବିଜେଡିରେ ନ ଥିବା ଲୋକେ ବିଶୃଙ୍ଖଳା ଉଦ୍ୟମ କରୁଛନ୍ତି

**ଚଣ୍ଡିଖୋଲ,୨୭।୧(ପ୍ରଦୀପ୍ତ କୁମାର ପୃଷ୍ଟି)**



ଖବରଦାତା ସମ୍ମିଳନୀରେ ବିଜେଡି କର୍ମକର୍ତ୍ତା।

ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ବିଜେଡି ସଶକ୍ତ ଅଛି। ବଡ଼ଚଣାବାସୀଙ୍କ ଭଲପାଇବା ପାଇଁ ଅମର ପ୍ରସାଦ ଶତପଥୀ ଏଠାରୁ ୬ ଥର ବିଧାୟକ ଭାବେ ନିର୍ବାଚିତ ହୋଇ ସାରିଲେଣି। ହେଲେ କେତେଜଣ ଚକ୍ରାନ୍ତକାରୀ ନିର୍ବାଚନ ସମୟ ଆସିଲେ ରଙ୍ଗ ବଦଳାଇ ବିଧାୟକଙ୍କ ବିରୋଧ ରେ ଅପପ୍ରଚାର କରିଥାନ୍ତି। ବିଜେଡିରେ ନ ଥିବା କେତେଜଣ ବ୍ୟକ୍ତି ଗତ ୨୪ ତାରିଖରେ ଧର୍ମଶାଳା ଭବନରେ ବନ୍ଧୁମିଳନ ଆଳରେ ବିଧାୟକଙ୍କ ବିରୋଧରେ କହିବା ହାସ୍ୟାସ୍ପଦ ବୋଲି ଶନିବାର ଏକ ଖବରଦାତା ସମ୍ମିଳନୀରେ ବଡ଼ଚଣା ବିଜେଡି ସଭାପତି ଅରବିନ୍ଦ ସାମଲ କହିଛନ୍ତି।

ଚଣ୍ଡିଖୋଲସ୍ଥିତ ବିଜେଡି କାର୍ଯ୍ୟାଳୟରେ ଦଳର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି ଯେ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କୈଳାସ ଚନ୍ଦ୍ର ରାଉତ ଦୀର୍ଘ ଦିନ ହେବ ଦଳ ଛାଡ଼ିଛନ୍ତି। ତାଙ୍କ ପୁଅ ଭାଜପା ସମର୍ଥନରେ ଗତ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ହୋଇ ଆମ ପ୍ରାର୍ଥୀଙ୍କଠାରୁ ହାରିଛନ୍ତି। ସେହିଭଳି ଆଉ କେତେଜଣ ବ୍ୟକ୍ତି ଗତ ନିର୍ବାଚନ ପୂର୍ବରୁ ଭାଜପାରେ ଯୋଗଦେଇଥିବାବେଳେ ସେମାନେ କିପରି ବିଜେଡି ବୋଲି କହୁଛନ୍ତି ତାହା ଆଶ୍ଚର୍ଯ୍ୟଜନକ। ଠିକ୍ ସେହିଭଳି ୩ ଜଣ ସରପଞ୍ଚ ଓ ସମିତି ସଭ୍ୟ ସେହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ଯାଇଥିଲେ। ସେମାନେ ବିଜେଡିର ନୁହନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ସେମାନେ ବିଜେଡି ସମର୍ଥିତ ପ୍ରାର୍ଥୀମାନଙ୍କ ବିରୋଧରେ ନିର୍ବାଚନ ଲଢ଼ିଥିଲେ। ବିଜେଡି ପଞ୍ଚାୟତ ସମିତି ଅଧ୍ୟକ୍ଷା ପଦ ହାତେଇଥିବାବେଳେ ବିଜେଡି ବିରୋଧରେ ସେମାନେ ପ୍ରାର୍ଥୀ ଠିଆକରି ହାରିଥିଲେ। ଗତ ପଞ୍ଚାୟତ ନିର୍ବାଚନ ସମୟରେ ବିଜେଡି ପ୍ରାର୍ଥୀମାନଙ୍କ ବିରୋଧରେ ସମସ୍ତ ୪୩ ପଞ୍ଚାୟତରେ ପ୍ରାର୍ଥୀ ଠିଆ କରାଇଥିଲେ। ଏବେ କିଭଳି ନିଜକୁ ବିଜେଡି ବୋଲି କହିବା ହାସ୍ୟାସ୍ପଦ। ଏହି ବିଶୃଙ୍ଖଳାକାରୀମାନଙ୍କ ବିରୋଧରେ ରାଜ୍ୟ ସଭାପତଙ୍କୁ ଅବଗତ କରାଯିବ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି। ଖବରଦାତା ସମ୍ମିଳନୀରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଛାତ୍ର ବିଜେଡି ସଭାପତି ଯତିନ୍ଦ୍ର କୁମାର ନାୟକ, ବ୍ଲକ ସାଧାରଣ ସମ୍ପାଦକ ବିପିନ ବିହାରୀ ଜେନା, ଉପସଭାପତି ନିରଞ୍ଜନ ସେନାପତି, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଭାଶ ଚନ୍ଦ୍ର ନନ୍ଦ, ଉପସଭାପତି ପଞ୍ଚାନନ ଧଳ, ଜିଲା ଉପସଭାପତି ସାରଦା ପ୍ରସନ୍ନ ମହାନ୍ତି, କୋଷାଧ୍ୟକ୍ଷ ମିହିର କୁମାର ସ୍ୱାଇଁ, ସଂଖ୍ୟାଲଘୁ ସେଲ ସଭାପତି ସେକ ମୋଇନ ଅହମଦ ଓ ଜୋନ ସଭାପତି ସଞ୍ଜୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ୨୪ ତାରିଖ କାର୍ଯ୍ୟକ୍ରମର ମୁଖ୍ୟ ଦାୟିତ୍ୱରେ ଥିବା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହ୍ଲାଦ ନନ୍ଦଙ୍କୁ ପଚାରିବାରୁ ସେ କୁହନ୍ତି, ସେମାନେ ମିଥ୍ୟା କଥା କହିଛନ୍ତି। ସମସ୍ତେ ଦଳରେ ଅଛୁ ଓ ଖୁବ୍‌ଶୀଘ୍ର ଆମେ ସାମ୍ବାଦିକ ସମ୍ମିଳନୀରେ ଏହାର ଜବାବ ଦେବୁ।

## ସଂକ୍ଷେପରେ

### ବୁଲା କୁକୁର ଆକ୍ରମଣରେ ହରିଣ ମୃତ

ରଘୁନାଥପୁର, ୨୭।୧ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଧଳତଙ୍ଗଗଡ ଜଙ୍ଗଲ ନିକଟବର୍ତ୍ତୀ କାକୁଡ଼ିଆ ମଠ ପଛ ପାର୍ଶ୍ୱରେ ଥିବା ବଜ୍ରବାଣ ପଟ ଚାଷଜମିରୁ ଏକ ହରିଣର ମୃତଦେହ ବନବିଭାଗ କର୍ମଚାରୀମାନେ ଜବତ କରିଛନ୍ତି। ରେଞ୍ଜର ରବିନାରାୟଣ ମହାନ୍ତିଙ୍କ କହିବାନୁଯାୟୀ, ମୁଗବିରି ଫସଲ ଖାଇବା ପାଇଁ ହରିଣଟି ନିକଟସ୍ଥ ଚାଷଜମିକୁ ଚାଲିଆସିଥିଲା। ଏହି ସମୟରେ ସେ ବୁଲାକୁକୁରଙ୍କ ଆକ୍ରମଣର ଶିକାର ହୋଇଛି। ହରିଣର ମୃତଦେହ ବ୍ୟବଚ୍ଛେଦ ପରେ ତାକୁ ପୋତି ଦିଆଯିବ ବୋଲି ରେଞ୍ଜର ମହାନ୍ତି ପ୍ରକାଶ କରିଛନ୍ତି। ପ୍ରତିବର୍ଷ ଏହିଭଳି ଭାବେ ଅନେକ ହରିଣଙ୍କ ମୃତ୍ୟୁ ଘଟୁଥିବା ବେଳେ ଏହାର ସ୍ଥାୟୀ ପ୍ରତିକାର କରିବା ପାଇଁ ସ୍ଥାନୀୟ ଗ୍ରାମବାସୀମାନେ ଦାବି କରିଛନ୍ତି।

### ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୨୭।୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସରକାରୀ ହାଇସ୍କୁଲ ଖେଳପଡିଆରେ ଫକୀରାବାଦସ୍ଥ ଲକି ସ୍ପୋର୍ଟିଂ କ୍ଲବ ପକ୍ଷରୁ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟ ଆସନ୍ତା ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ୮ଟି ଟିମ ଏଥିରେ ଭାଗ ନେଇଛନ୍ତି। ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ୍ କଟକ ବିଡାନାସୀ କ୍ଲବ ଓ କଲିକତାର ସାର ରୟାଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ କରି ସମାନ ସ୍କୋରରେ ଥିଲେ। ପରେ ଟ୍ରାଇବ୍ରେକରରେ ବିଡାନାସୀ କ୍ଲବ ୩–୨ରେ ବିଜୟୀ ହୋଇଛି। ଟୁର୍ନାମେଣ୍ଟକୁ ପୌରାଧ୍ୟକ୍ଷା ସରିତା ସାହୁ ଉଦ୍‌ଘାଟନ କରିଥିଲେ। କ୍ଲବ ସଭାପତି ସଲିମ ଖାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ପୌରାଧ୍ୟକ୍ଷା ସାହୁ ଖେଳଳୀ ଜୀବନରେ ଶୃଙ୍ଖଳା ସମ୍ପର୍କରେ ମତ ରଖିଥିଲେ। ସଭାରେ କାର୍ଯ୍ୟକାରୀ ସଭାପତି ମହମ୍ମଦ ନିଆଜ, ସେକ୍ ସଫାତୁଲ୍ଲା, ସମିଲଲ୍ଲା ଖାନ, ଅକିଲ ଅହେମଦ, ସେକ୍ ଫରିଉଦ୍ଦିନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।

### ଖାର୍ଗେଙ୍କ କାର୍ଯ୍ୟକ୍ରମ ପାଇଁ ଜିଲା କଂଗ୍ରେସ ଉତ୍ସାହିତ

କେନ୍ଦ୍ରାପଡ଼ା, ୨୭।୧ (ଜଗନ୍ନାଥ ଧଳ)

ଭାରତୀୟ ଜାତୀୟ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଆସନ୍ତା ୨୯ରେ ଭୁବନେଶ୍ୱର ଆସିବେ। ଏଥିପାଇଁ କେନ୍ଦ୍ରାପଡା ଜିଲା କଂଗ୍ରେସରେ ଉତ୍ସାହ ବଢ଼ିଯାଇଛି । ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରାୟ ଦେଢ଼ ହଜାର କର୍ମୀ ଓ କର୍ମକର୍ତ୍ତା ଯୋଗ ଦେବେ ବୋଲି ଶୁକ୍ରବାର ପ୍ରସ୍ତୁତି ବୈଠକରୁ ସୂଚନା ମିଳିଛି। ଏହି ବୈଠକ ସହରର ଗରାପୁରସ୍ଥ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡା ବ୍ଲକ ନଗରର କଂଗ୍ରେସର ଶତାଧିକ କର୍ମୀ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ । ଏହି ଅବସରରେ ପୂର୍ବତନ ମନ୍ତ୍ରୀ ବେହେରା ଆସନ୍ତା ସାଧାରଣ ନିର୍ବାଚନକୁ ଗୁରୁତ୍ୱ ଦେଇଥିଲେ। କଂଗ୍ରେସ ପକ୍ଷରୁ ଆମେ ବିଧାନସଭା ଯିବା ସ୍ଲୋଗାନକୁ ସାକାର ପାଇଁ ଯୋଜନା କରାଯାଇଥିଲା । ବିଧାନସଭା ଅଧୀନ ଭୋଟଦାତାଙ୍କୁ ମୋତେ ବିଧାନସଭା ପଠାନ୍ତୁ, ବିଧାନସଭାରୁ କେନ୍ଦ୍ରାପଡ଼ାର ସ୍ୱର ଶୁଣନ୍ତୁ ବୋଲି ସେ ନିବେଦନ କରିଥିଲେ। ବୈଠକରେ ବ୍ଲକ ସଭାପତି ଚିତ୍ରସେନ ପରିଡା, ନଗର ସଭାପତି ରାଜେଶ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଶହୀଦଙ୍କ ସ୍ମୃତିଚାରଣ

ଜଗତ୍‌ସିଂହପୁର/ ରଘୁନାଥପୁର/ ତିର୍ତ୍ତୋଲ/ ବାଲିକୁଦା/ କୁଜଙ୍ଗ/ ନାଉଗାଁ, ୨୭।୧ (ପ୍ରମୋଦ କୁମାର ନାୟକ/ ରାଜେନ୍ଦ୍ର ନାରାୟଣ ସିଂହ/ ଗୌରାଙ୍ଗ ଚରଣ ସ୍ୱାଇଁ/ତାପସ ସ୍ୱାଇଁ/ ମନୋଜ ପ୍ରଧାନ/ ସୁଧା ବେହୁରା)


ଜିଲାସ୍ତରୀୟ ପରେଡରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଜିଲାପାଳ ପାରୁଲ୍ ପଟୱାରି ଓ ଅନ୍ୟମାନେ।

ଜଗତ୍‌ସିଂହପୁରସ୍ଥିତ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ୭୫ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ କହିଥିଲେ, ଭାରତ ହେଉଛି ଧର୍ମ ନିରପେକ୍ଷ, ସାର୍ବଭୌମ, ଗଣତାନ୍ତ୍ରିକ ରାଷ୍ଟ୍ର। ମହାତ୍ମା ଗାନ୍ଧୀ, ଜବାହାରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ସୁଭାଷ ଚନ୍ଦ୍ର ବୋଷ, ମୌଲାନା ଅବଦୁଲ କଲାମ ଆଜାଦଙ୍କ ସମେତ ଜଗତ୍‌ସିଂହପୁର ଜିଲାର ବରପୁତ୍ରମାନଙ୍କ ସ୍ମୃତିଚାରଣ କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ଗୁଣଗାନ କରିଥିଲେ। ପ୍ରଥମେ ମୁଖ୍ୟଅତିଥି ସହରରେ ଅବସ୍ଥିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରକାରୀ ମୁଖ୍ୟ ସଚେତକ ତଥା ବିଧାୟକ ପ୍ରଶାନ୍ତ ମୁଦୁଲି, ଜିଲାପାଳ ପାରୁଲ ପଟାୱରୀ, ଏସ୍‌ପି ରାହୁଲ ପି.ଆର୍ ପ୍ରମୁଖ ଉପସ୍ଥିତ ଥିଲେ। ପରେଡରେ ୨୯ଟି ଦଳ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଗାଇଡ୍‌ରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସିଭିଲିଆନରେ ଡ୍ରିମ୍ ଇଣ୍ଡିଆ ସ୍କୁଲ, ଜୁନିଅର ସିଭିଲିଆନରେ ଶୁଦ୍ଧାନନ୍ଦ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରି ସମ୍ମାନିତ ହୋଇଥିଲେ। ଜିଲାସ୍ତରୀୟ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଓ ଜଣା ଅଜଣା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବୈଷୟିକ ଶିକ୍ଷାରେ ତିର୍ତ୍ତୋଲର ଛାତ୍ର ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ରଘୁନାଥପୁର ଗ୍ରାମ୍ୟ ନ୍ୟାୟାଳୟରେ ନ୍ୟାୟଧିଶ ତନଭୀ ରଥ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଠାକାର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଡିଓ ନମିତା ବାରିକ ଓ ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ତପନ କୁମାର ପରିଡା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତିର୍ତ୍ତୋଲ ବ୍ଲକ ପରିସରରେ ଅଧ୍ୟକ୍ଷ ମନୋଜ କୁମାର ବେହେରା ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ଆଦିକବି ସାରଳା ଦାସ କଲେଜରେ ଅଧ୍ୟକ୍ଷ ସଦାଶିବ ସାହୁ ଅଭିବାଦନ ଗ୍ରହଣ କରିଥିଲେ। ବାଲିକୁଦା ବ୍ଲକ କାର୍ଯ୍ୟାଳୟରେ ବିଧାୟକ ରଘୁନନ୍ଦନ ଦାସ ପତାକା ଉତ୍ତୋଳନ କରିଥିବା ବେଳେ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଜିଲାପରିଷଦ ସଦସ୍ୟା ରୁନିଲତା ବେହେରା, ବିଡିଓ ବିକାଶ ମହାନ୍ତି, ଏବିଡିଓ ସଞ୍ଜୟ ଦାସ, ଏଇଇ ଦୀପ୍ତିରେଖା ମଲ୍ଲିକ ଉପସ୍ଥିତ ଥିଲେ । କୁଜଙ୍ଗ ବିଚାର ବିଭାଗ ଅଦାଲତ ପରିସରରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ପାର୍ଥସାରଥି ପଟ୍ଟନାୟକ ପତାକା ଉତ୍ତୋଳନ କରିଥିଲେ। ପଞ୍ଚାୟତ ସମିତି ପକ୍ଷରୁ ବିଡିଓ ଦିପକ ପ୍ରସାଦ ସ୍ୱାଇଁ, ତହସିଲ କାର୍ଯ୍ୟାଳୟ ପକ୍ଷରୁ ତହସିଲଦାର ପୁଷ୍ପଶ୍ରୀ ସାଣ୍ଡିଲ ପତାକା ଉତ୍ତୋଳନ କରିଥିଲେ। ନାଉଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅଧ୍ୟକ୍ଷା ତୃପ୍ତା ଲେଙ୍କା ଓ ତହସିଲ କାର୍ଯ୍ୟାଳୟରେ ତହସିଲଦାର ଏସ୍ ସାଗରୀ ପତାକା ଉତ୍ତୋଳନ କରିଥିଲେ।

## ଛୁଟିରେ ପ୍ରାଣୀଧନ ଚିକିତ୍ସକ, ସ୍ୱାସ୍ଥ୍ୟସେବା ଠପ୍

ରଘୁନାଥପୁର, ୨୭।୧ (ରାଜେନ୍ଦ୍ର ନାରାୟଣ ସିଂହ)

୪ ଦଫା ଦାବିନେଇ ଓଡିଶା ପ୍ରାଣୀ ଚିକିତ୍ସା ସେବା ସଂଘ ଡାକରାରେ ଚଳିତମାସ ୧୮ତାରିଖଠାରୁ ରାଜ୍ୟର ସମୁହ ପ୍ରାଣୀ ଚିକିତ୍ସକ ଛୁଟିରେ ଯାଇଛନ୍ତି। ଏହି ଆନ୍ଦୋଳନରେ ରଘୁନାଥପୁର ପ୍ରାଣୀ ଚିକିତ୍ସା କେନ୍ଦ୍ରର ସମସ୍ତ ଚିକିତ୍ସକ ସାମିଲ ହୋଇଥିବାରୁ ଅଞ୍ଚଳରେ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ଜଟିଳ ସମସ୍ୟା ସୃଷ୍ଟିହୋଇଛି। ଏନେଇ ଚିକିତ୍ସାଳୟ ଉପରେ ନିର୍ଭର କରୁଥିବା ଅଞ୍ଚଳର ପ୍ରାଣୀ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଚିକିତ୍ସା ଅଭାବରୁ ସେମାନଙ୍କ ଗାଈ, ମଇଁଷି, ଛେଳି, ମେଣ୍ଢା, କୁକୁଡା ଆଦି ଜରୁରିକାଳୀନ ଚିକିତ୍ସା ପାଇପାରୁନାହାନ୍ତି। ଫଳରେ ବହୁ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ଘଟୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ପ୍ରାଣୀ ଚିକିତ୍ସକମାନଙ୍କ ଦାବିଗୁଡ଼ିକ ଗୁରୁତର ସହ ବିଚାରକରି ଚିକିତ୍ସା ସେବାକୁ ସ୍ୱାଭାବିକ କରିବା ପାଇଁ ପ୍ରାଣୀପାଳକମାନେ ଦାବି କରିଛନ୍ତି।

## ଶ୍ରୀରାମ କ୍ରିକେଟ ଟୁର୍ନାମେଣ୍ଟ: ପାରାଦୀପଗଡ଼ ଚାମ୍ପିୟନ

ମାର୍ଶାଘାଇ, ୨୭।୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)



ଚାମ୍ପିୟନ ଟ୍ରଫି ଗ୍ରହଣ ଅବସରରେ ଅତିଥି ଓ ଖେଳାଳିମାନେ।

ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ଶ୍ରୀରାମ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚ୍‌ରେ ପାରାଦୀପଗଡ଼ ଓ ମାର୍ଶାଘାଇ ନିକଟସ୍ଥ ହିନ୍ଦୁଲିଆ କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ବ୍ୟାଟିଂ କରି ପାରାଦୀପଗଡ ଟିମ୍ ନିର୍ଦ୍ଧାରିତ ୧୫ ଓଭରରେ ୧୪୯ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ହିନ୍ଦୁଲିଆ ଟିମ୍ ସମସ୍ତ ଉଇକେଟ ହରାଇ ୧୦୪ ରନ ସଂଗ୍ରହ କରିଥିଲା. ୫୫ ରନ କରିଥିବା ପାରାଦୀପଗଡ଼ ଟିମ୍‌ର ଗିଟୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା । ଶୁଭ୍ରକାନ୍ତ ଦଳାଇ, କେଶବ ରଥ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ପାରାଦୀପ ଟ୍ରକ ମାଲିକ ସଂଘ ଉପସଭାପତି ପ୍ରଦୀପ୍ତ ଗାହାଣ, ସାମାଜିକ କର୍ମୀ ସୁବ୍ରତ ପ୍ରଧାନ, ଆଇନଜୀବୀ ବିଚିତ୍ରାନନ୍ଦ ବେହେରା, ଖବର ଦାତା ଶୁଭେନ୍ଦୁ ପ୍ରକାଶ ଦାସ, ତନ୍ମୟ ବିଶ୍ୱାଳ, ଶୁଭେନ୍ଦୁ ପ୍ରସାଦ ଚୌଧୁରୀ ଯୋଗ ଦେଇ ଚାମ୍ପିୟନ ଓ ରନର୍ସ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ଟିମ୍ ପକ୍ଷରୁ ବିଷ୍ଣୁ ପ୍ରସାଦ ନାୟକ, ଚିତ୍ତ ରଞ୍ଜନ ବେହେରା, ଭୀଷ୍ମ ନାରାୟଣ ବେହେରା, ସିପୁ ପ୍ରଧାନ, ସୁଶାନ୍ତ ଦାସ, ଦୀପକ ମାହାଳି. ସୁଶାନ୍ତ ରଥ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ସରସ୍ୱତୀ ଦାମୋଦର ସାହିତ୍ୟ ସଂସ୍କୃତି ପରିଷଦର ବାର୍ଷିକୋତ୍ସବ

ରାଜକନିକା, ୨୭।୧ (ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକାର ସରସ୍ୱତୀ ଦାମୋଦର ସାହିତ୍ୟ ସଂସ୍କୃତି ପରିଷଦର ବାର୍ଷିକୋତ୍ସବ ଓ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ କାଳିକାପୁରସ୍ଥିତ ମା' କାଳିକାଈଙ୍କ ଶକ୍ତିପୀଠରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଡ. ସୁରେନ୍ଦ୍ରନାଥ ତ୍ରିପାଠୀ, ମୁଖ୍ୟ ବକ୍ତା ମାଳିକା ଗବେଷକ ଡାକ୍ତର ତାରକ ପ୍ରସନ୍ନ ତ୍ରିପାଠୀ ଓ ସମ୍ମାନିତ ଅତିଥି ପ୍ରକୃତି ପ୍ରେମୀ କବି ବାସନ୍ତୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସଭାପତି ପ୍ରାଧ୍ୟାପକ ବୈକୁଣ୍ଠନାଥ ପରିଡ଼ା ସଭାପତିତ୍ୱ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ଗୟାଧର ନାଥ ଓ କବି ହରେକୃଷ୍ଣ ବାରିକ ସଂଯୋଜନା କରିଥିଲେ । ଦ୍ୱିତୀୟ ଅଧିବେଶନରେ ଉପସଭାପତି ଦୟାନିଧି ଦାଶ ସଭାପତିତ୍ୱ କରିଥିଲେ। ସ୍ନିଗ୍ଧାରାଣୀ ମହାନ୍ତି, ଓଁ ଶାଙ୍କରୀ ମିଶ୍ର ଓ ସାହିତ୍ୟିକ ତନ୍ମୟ ମିଶ୍ର ସଂଯୋଜନା କରିଥିଲେ। ସମ୍ପାଦକ ପତିତପାବନ ବେହେରା ବିବରଣୀ ପାଠ କରିଥିଲେ । ଶିକ୍ଷାବିତ୍ ପ୍ୟାରୀ ମୋହନ ସ୍ୱାଇଁଙ୍କ ସମ୍ପାଦିତ ପୁସ୍ତକ ଦାମୋଦର ସରସ୍ୱତୀଙ୍କ ଶ୍ରେଷ୍ଠ ସଙ୍ଗୀତ ଶତକ, ସରସ୍ୱତୀ ଦାମୋଦରଙ୍କ ଜଣାଣ ପୁସ୍ତକ ନିବେଦନ, ଦୟାନିଧି ଦାଶଙ୍କ ଭଜନ ପୁସ୍ତକ ଭକ୍ତି ପ୍ରସୂନ, ପତିତପାବନ ବେହେରାଙ୍କ କବିତା ପୁସ୍ତକ ସାହିତ୍ୟର ସ୍ୱର ତଥା ତାରକ ପ୍ରସନ୍ନ ତ୍ରିପାଠୀଙ୍କ କାବ୍ୟ କୃଷ୍ଣପ୍ରିୟାର ଉନ୍ମୋଚନ ଅତିଥିମାନେ କରିଥିଲେ । ଇଂ. ଅଭୟ ସୂତାରଙ୍କୁ ସରସ୍ୱତୀ ଦାମୋଦର ସାହିତ୍ୟ ସମ୍ମାନ, କବି ପରମାନନ୍ଦ ମିଶ୍ରଙ୍କୁ ସରସ୍ୱତୀ ଦାମୋଦର କବିତା ସମ୍ମାନ, ବିଶିଷ୍ଟ ପାଲା ଗାୟକ ବିଶ୍ୱନାଥ ନାୟକଙ୍କୁ ସରସ୍ୱତୀ ଦାମୋଦର କଳା ସମ୍ମାନ, ଡ. ରବିନାରାୟଣ ବେହେରାଙ୍କୁ ସରସ୍ୱତୀ ଦାମୋଦର ଶିକ୍ଷା ସମ୍ମାନ ଓ ଅଶୋକ କୁମାର ବେହେରାଙ୍କୁ ସରସ୍ୱତୀ ଦାମୋଦର ନାଟ୍ୟ ସମ୍ମାନ ଅତିଥିମାନେ ପ୍ରଦାନ କରିଥିଲେ।

## ପାରାଦୀପରେ ସାଧାରଣତନ୍ତ୍ର ଦିବସ

ପାରାଦୀପ, ୨୭।୧ (ଶରତ ରାଉତ)

ପାରାଦୀପର ବିଭିନ୍ନ ସ୍ଥାନରେ ଶୁକ୍ରବାର ୭୫ ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଗଣତନ୍ତ୍ର ଦିବସ ଉପଲକ୍ଷେ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସ୍ଥାନୀୟ ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମରେ ସମୂହ ପରେଡ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଯୋଗଦେଇ ସମବେତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର, କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସନ୍ଧ୍ୟାରେ ପାରାଦୀପର ସମସ୍ତ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଇଫ୍‌କୋ ପରିସରରେ ଆୟୋଜିତ ପରେଡରେ ନିର୍ଦ୍ଦେଶକ କେ.ଜେ ପଟେଲ ଅଭିବାଦନ ଗ୍ରହଣ କରିଥିଲେ। ଏଥିରେ ଡିଏଭି ସ୍କୁଲ ଛାତ୍ରୀଛାତ୍ର, ଘରୋଇ ସିକ୍ୟୁରିଟି, ଇଫ୍‌କୋ କର୍ମଚାରୀ, ଜ୍ୟୋତିଲେଡିଜ କ୍ଲବ ଓ ଶ୍ରମିକ ୟୁନିୟନ କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ପିପିଏଲ୍ ପରିସରରେ ଆୟୋଜିତ ପରେଡ୍‌ରେ ସିଏମଓ (ଚିଫ ମାନୁଫ୍ୟାକ୍ଚରିଂ ଅଫିସର) ପାଲାନିସ୍ୱାମି ଭେଲୁସ୍ୱାମୀ ଅଭିବାଦନ ଗ୍ରହଣ କରିଥିଲେ। ଏଥିରେ ସ୍କୁଲ ଛାତ୍ରୀଛାତ୍ର, ସିକ୍ୟୁରିଟି କର୍ମଚାରୀମାନେ ଭାଗ ନେଇଥିଲେ। ଆଇଓସିଏଲ ରିଫାଇନାରୀ ପରିସରରେ ଆୟୋଜିତ ପରେଡ୍‌ରେ ନିର୍ବାହୀ ନିର୍ଦ୍ଦେଶକ କୌଶିକ ବାସୁ ଅଭିବାଦନ ଗ୍ରହଣ କରିଥିଲେ। ଏଥିରେ ସିଆଇଏସ୍ଏଫ, ସ୍କୁଲ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ପାରାଦୀପ ପୋର୍ଟ ବଣିକସଂଘ ପରିସରରେ ଆୟୋଜିତ ଗଣତନ୍ତ୍ର ଦିବସରେ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ପତାକା ଉତ୍ତୋଳନ କରିଥିଲେ।


ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି।

## ରାମଚଣ୍ଡୀ କ୍ରିକେଟ୍ କ୍ଲବ ଚାମ୍ପିୟନ

**ପଲ୍ଲୀ ପ୍ରିମିୟର ଲିଗ୍ ଦିବାରାତ୍ର କ୍ରିକେଟ୍ ଟୁର୍ନାମେଣ୍ଟ**

ଡେରାବିଶ, ୨୭।୧ (ବେବର୍ତ୍ତା ଅଜୟ ଦାସ)


ଅତିଥିମାନେ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ପଲ୍ଲିରଘୁନାଥପୁରଠାରେ ପଲ୍ଲୀ ପ୍ରିମିୟର ଲିଗ୍ ଦୁଇଦିନିଆ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦଯାପିତ ହୋଇଯାଇଛି । ଗତ ୨୪ରୁ ଆରମ୍ଭ ହୋଇଥିବା ଏହି ମହାରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଶୁକ୍ରବାର ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ନରସିଂହପୁର କ୍ରିକେଟ୍ କ୍ଲବ ଓ ଛୋଟି ରାମଚଣ୍ଡୀ କ୍ରିକେଟ୍ କ୍ଲବ ପରସ୍ପରକୁ ଭେଟିଥିଲେ । ଏଥିରେ ରାମଚଣ୍ଡି କ୍ରିକେଟ କ୍ଲବ ବିଜୟ ହାସଲ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା । ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ମନିଷା ପଣ୍ଡା, ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ପ୍ରଭାତି ମଲିକ, ପ୍ରାଧ୍ୟାପକ ଅଜୟ କୁମାର ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଓ ନହଙ୍ଗ ସରପଞ୍ଚ ବିଳାସିନୀ ସେଠୀ ପ୍ରମୁଖ ଯୋଗ ଦେଇ ବିଜେତା ଦଳକୁ ଚମ୍ପିଆନ ଟ୍ରଫି ଓ ରନର୍ସଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପଲ୍ଲୀ ପ୍ରିମିୟର ଲିଗ୍‌ର କର୍ମକର୍ତ୍ତା ଓ ପୂର୍ବତନ ସମିତିସଭ୍ୟ ନଳିନୀକାନ୍ତ ସ୍ୱାଇଁ ଓ ବିଜୟ ସେଠୀ ପ୍ରମୁଖ ପରିଚାଳନା କରିଥିଲେ ।

## ପଟ୍ଟାମୁଣ୍ଡାଇରେ ସାଧାରଣତନ୍ତ୍ର ଦିବସ ପାଳିତ

ପଟ୍ଟାମୁଣ୍ଡାଇ ୨୭।୧ (କଳ୍ପତରୁ ନାୟକ)

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ପଟ୍ଟାମୁଣ୍ଡାଇ ପରେଡ ପଡିଆରେ ୭୫ତମ ସାଧାରଣତନ୍ତ୍ର ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ତହସିଲଦାର ପଞ୍ଚାନନ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ବିଭିନ୍ନ ସ୍କୁଲ କଲେଜ ପିଲାମାନଙ୍କ ଦ୍ୱାରା ଆୟୋଜିତ ପରେଡରେ ସେ ଅଭିବାଦନ ଗ୍ରହଣ କରିଥିଲେ । ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌରାଧ୍ୟକ୍ଷ ହେମନ୍ତ ସାହୁ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ରଞ୍ଜିତ ମହାନ୍ତି, ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ, ପଟ୍ଟାମୁଣ୍ଡାଇ କଲେଜ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଦୁର୍ଯ୍ୟୋଧନ ପରିଡା ପ୍ରମୁଖ ଯୋଗ ଦେଇଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ: ନିମପୁର କଟକ ଚାମ୍ପିୟନ

କୁଜଙ୍ଗ, ୨୭।୧ (ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ଜଗତିସ୍ଥିତ ବୁଢ଼ୀ ଜାଗୁଆଣୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ସମୀର ଓ ସୁଶୀଲ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିମପୁର କଟକ ଚାମ୍ପିୟନ ହୋଇଛି। ଏହି ମ୍ୟାଚ ନିମପୁର ଓ ସାଇ ଇଲେଭେନ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିମପୁର ଟସ୍ ଜିତି ସାଇ ଇଲେଭନକୁ ଭୁବନେଶ୍ୱର କ୍ରିକେଟ ଟିମକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ସାଇ ଇଲେଭେନ ୧୮୭ ରନ କରିବାକୁ ସକ୍ଷମ ହୋଇଥିଲା । ଜବାବରେ ନିମପୁର କଟକ ୭ ଉଇକେଟ ବିନିମୟରେ ଶେଷବଲରେ ଛକାମାରି ବିଜୟୀ ହୋଇଛି। ନିମପୁରର ବିକ୍ରମ ସାମଲଙ୍କ ଆକର୍ଷଣୀୟ ବ୍ୟାଟିଂକରି ୩୨ରୁ ୮୨ରନ କରି ମ୍ୟାନ୍ ଅଫ୍ ଦିନ ମ୍ୟାଚ ବିବେଚିତ ହୋଇଥିଲେ । ସାଇ ଇଲେଭେନର ରାମ ଚନ୍ଦ୍ର ବେହେରା ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ ।। ମୁଖ୍ୟ ଅତିଥିଭାବେ କଟକ ପୌର ନିଗମ ଯନ୍ତ୍ରୀ ଅତନୁ ସାମନ୍ତ, ସମ୍ମାନିତ ଅତିଥିଭାବେ ଗ୍ଲୋବାଲ ଇଞ୍ଜିନିୟରିଂର ସଂଜୟ ପାଣି, ସାମନ୍ତରାୟ ଇଞ୍ଜିନିୟରିଂର ସୌମେନ୍ଦ୍ର ସାମନ୍ତରାୟ, ସୌମେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ ।



ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

## ସେବା ମନୋଭାବ ଶିଶୁକୁ ସୁଧାର କରେ

**ଜିଲାସ୍ତରୀୟ ଜୁନିୟର ରେଡକ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ**

ଏରସମା, ୨୭।୧ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)


ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ଏରସମା ବ୍ଲକ ଅନ୍ତର୍ଗତ ପୋଖରିଆପଡ଼ା ଗ୍ରାମର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ୨୮ତମ ଜିଲାସ୍ତରୀୟ ଜୁନିୟର ରେଡକ୍ରସ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହାକୁ ଜଗତ୍‌ସିଂହପୁର ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ଉଦ୍‌ଘାଟନ କରି ସେବା ମନୋଭାବ ଶିଶୁଙ୍କୁ ଶାନ୍ତ ସୁଧାର କରେ ବୋଲି କହିଥିଲେ। ଏଥିରେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ବିଦ୍ୟାଧର ପ୍ରଧାନ, ବାଲିକୁଦା ମଣ୍ଡଳ ଶିକ୍ଷା ଅଧିକାରୀ ବାଇଧର ତ୍ରିପାଠୀ, କୁଜଙ୍ଗ ବିଇଓ ପବିତ୍ର ମୋହନ ଦାସ, ଏରସମା ବିଇଓ ଭାବଗ୍ରାହୀ ଭୋଳ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ରାଉତ, ଓଷ୍ଟା ସଂଘର ପୂର୍ବତନ ସଭାପତି ନିରଞ୍ଜନ ମହାନ୍ତି ପ୍ରମୁଖ ପ୍ରଶିକ୍ଷକ ଭାବେ ଉପସ୍ଥିତ ହୋଇ ଶିଶୁମାନଙ୍କୁ ସାମାଜିକ କାର୍ଯ୍ୟରେ ନିୟୋଜିତ କରିବା ଉପରେ ବକ୍ତବ୍ୟ ଦେଇଥିଲେ। ଶିବିରରେ ଜିଲାର ୨୨୫ ଉଚ୍ଚ ବିଦ୍ୟାଳୟରୁ ଆସିଥିବା ୧୦୦୦ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ଅନିଲ କୁମାର ଜେନା ସ୍ୱାଗତ ଭାଷଣ ଦେବା ପରେ ସଭା ଆରମ୍ଭ ହୋଇଥିଲା। ରେଡ୍‌କ୍ରସର ଜିଲା ସଂଯୋଜକ ତ୍ରିଲୋଚନ ସାହୁ, ଚନ୍ଦନ ବେହେରା, ହିମାଂଶୁ ମହାନ୍ତି ପ୍ରମୁଖ ଉପସ୍ଥିତ ହୋଇ ଶିବିର ପରିଚାଳନା କରିଥିଲେ।

## ସଂକ୍ଷେପରେ

### ୫୦ଫୁଟ୍ ତଳକୁ ଖସିଲା କାର୍



ପାରଳାଖେମୁଣ୍ଡି,୨୭।୧ (ଗିରିଧାରୀ ପରିଛା) ଗଜପତି ଜିଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ପର୍ବତକୁ ବୁଲିଯାଇଥିବା ୫ ଜଣ ପର୍ଯ୍ୟଟକଙ୍କ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଶୁକ୍ରବାର ବ୍ରହ୍ମପୁର ସହରର ୪ଜଣ ମହିଳାଙ୍କ ସମେତ ଡ୍ରାଇଭର ଏକ କାର ଯୋଗେ ଐତିହାସିକ ସ୍ଥଳ ମହେନ୍ଦ୍ରଗିରି ବୁଲିବାକୁ ଯାଇ ଫେରୁଥିବାବେଳେ ଅପରାହ୍ନରେ ଏକ ବୁଲାଣି ସ୍ଥାନରେ ଭାରସାମ୍ୟ ହରାଇ କାରଟି ୫୦ଫୁଟ ତଳକୁ ଖସିପଡ଼ିଥିଲା। ତେବେ ଯାତ୍ରୀମାନେ ବର୍ତ୍ତି ଯାଇଛନ୍ତି। ସମସ୍ତେ ସାମାନ୍ୟ ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ପ୍ରଥମେ କଇଁପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସେମାନଙ୍କୁ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

### ନାବାଳିକା ଉଦ୍ଧାର

ଚିକିଟି,୨୭।୧(ପ୍ରକାଶ ଚନ୍ଦ୍ର ସାହୁ): ପାତ୍ରପୁର ବ୍ଲକ ଅନ୍ତର୍ଗତ ନୂଆଗଡ ଗ୍ରାମର ଜଣେ ନାବାଳିକାଙ୍କୁ କେହି ଦୁର୍ବୃତ୍ତ ନୂଆପଡା ଅଭିମୁଖେ ନେଇଯାଉଥିବା ବେଳେ ଶନିବାର ଅପରାହ୍ନରେ ନୂଆପଡା ଫାଣ୍ଡି ପୋଲିସ ଉଦ୍ଧାର କରିଥିବା ଜଣାପଡିଛି। ନାବାଳିକା ଲେମ୍ବୁ କିଣିବା ପାଇଁ ପାତ୍ରପୁର ବଜାରକୁ ଆସିଥିଲା। ସେ କିଣୁଥିବା ସମୟରେ ଦୁଇଜଣ ଦୁର୍ବୃତ୍ତ ବାଇକ ଯୋଗେ ଆସି ନାବାଳିକା ମୁହଁରେ କଳାକନା ବାନ୍ଧି ବାଇକରେ ବସାଇ ଭାୟା ସୁରଙ୍ଗୀ ଦେଇ ନୂଆପଡା ଅଭିମୁଖେ ଆସୁଥିବା ବେଳେ ସୁବଳୟା ଗ୍ରାମ ନିକଟରେ ନାବାଳିକା ଜଣଙ୍କ ଚିତ୍କାର କରିଥିଲେ। ସେଠାରେ କାମ କରୁଥିବା ଲୋକ ଦେଖିଦେବାରୁ ସେମାନେ ନାବାଳିକାଙ୍କୁ ଛାଡି ଫେରାର ହୋଇଯାଇଥିଲେ। ନାବାଳିକା ଜଣକ କାନ୍ଦି କାନ୍ଦି ଆସୁଥିବା ବେଳେ ବିରମେଖପୁର ଗ୍ରାମର ଜଣେ ବ୍ୟକ୍ତି ନୂଆପଡା ଫାଣ୍ଡିକୁ ଜଣାଇଥିଲେ। ଫାଣ୍ଡି ଅଧିକାରୀ ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ସମ୍ପର୍କୀୟ ଲୋକଙ୍କୁ ହସ୍ତାନ୍ତର କରିଥିଲେ।

### କଂସାବାସନ ଦୋକାନରୁ ଚୋରି

ବ୍ରହ୍ମପୁର, ୨୭।୧(ସୁବାସ ଚନ୍ଦ୍ର ପାଢ଼ୀ): ବଡ ବଜାର ଥାନା ଅଞ୍ଚଳରେ ଏକ କଂସା ବାସନ ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ଦୋକାନ ମାଲିକ ଶିଶିର ମହାରଣା ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି। ଶିଶିରଙ୍କ ଘର ସୁକୁଣ୍ଡାରେ ହୋଇଥିବା ବେଳେ ତାଙ୍କର ଏକ ଦୋକାନ ସାନବଜାର ନିକଟରେ ରହିଛି। ଗତ ୨୪ତାରିଖ ସକାଳେ ସେ ଦୋକାନ ଖୋଲିବାକୁ ଗଲାବେଳେ ଗ୍ରୀଲ ତାଲା ଭଙ୍ଗା ହୋଇଥିବା ଦେଖିବାକୁ ପାଇଥିଲେ। ଭିତରୁ କୁ ଯାଇ ଦେଖିବା ବେଳେ ଲକ୍ଷେରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକାର କଂସା ଓ ପିତ୍ତଳ ବାସନ କୁସନ ସାମଗ୍ରୀ ଚୋରି ହୋଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରିଛି।

# ଗଞ୍ଜାମ ଜିଲାରେ ଧାନର ଅଭାବୀ ବିକ୍ରି

ଛତ୍ରପୁର,୨୭।୧(ସନ୍ତୋଷ ପାଢୀ):

## ଗାଇଡ୍‌ଲାଇନ ଜାରିକଲେ ଜିଲାପାଳ

ଗଞ୍ଜାମ ଜିଲାରେ ଧାନର ଅଭାବୀ ବିକ୍ରି ଚାଲିଛି। ଏହାର ଫାଇଦା ଦଲାଲ ଓ ଆନ୍ଧ୍ର ବେପାରୀ ଉଠାଉଛନ୍ତି। ଫଳରେ ଚାଷୀମାନେ କ୍ଷତିଗ୍ରସ୍ତ ହେବାରେ ଲାଗିଛନ୍ତି । ଏଥିସହ ଦୁର୍ନୀତି ଗ୍ରସ୍ତ କର୍ମଚାରୀ ଓ ଅସାଧୁ ମିଲରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ମଣ୍ଡିରେ ଧାନ କ୍ୱିଣ୍ଟାଲ ପିଛା ୫ କି.ଗ୍ରା ଅଧିକ ନେଇ ଚାଷୀଙ୍କୁ ଠକାଯାଉଛି । ଏନେଇ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଅଭିଯୋଗ ହେବା ସହ ଗଞ୍ଜାମ ଜିଲାପାଳ ଓ ଛତ୍ରପୁର ଉପଜିଲାପାଳଙ୍କୁ ଏ ସମ୍ପର୍କରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ରାଜ୍ୟରେ ଏଥର ଗଞ୍ଜାମ ଜିଲାରେ ଦ୍ୱିତୀୟ ସର୍ବାଧିକ ଚାଷୀ ଧାନ ବିକିବା ପାଇଁ ଅନଲାଇନ୍‌ରେ ପଞ୍ଜୀକରଣ କରିଛନ୍ତି। ଜିଲାରେ ଚଳିତ ଥର ୪୭୦ ପିପିସି (ପ୍ୟାଡି ପ୍ରକ୍ୟୁରମେଣ୍ଟ ସେଣ୍ଟର) ବ୍ୟବସ୍ଥା କରାଯାଇଛି । ସେଥି ମଧ୍ୟରେ ୩୬୫ ପ୍ରାଥମିକ ସେବା ସମବାୟ ସମିତି ରହିଥିବାବେଳେ ୧୦୪ ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଗୋଟିଏ ପାଣି ପଞ୍ଚାୟତ ରହିଛି । ଜିଲାରେ ଧାନର ଅଭାବୀ ବିକ୍ରି ରୋକିବା ସହ ଚାଷୀଙ୍କୁ ଠକେଇ ବନ୍ଦ କରିବାକୁ ମହାସଭା ପକ୍ଷରୁ ଦାବି ହୋଇଛି। ସରକାରୀ ନିୟମ ପ୍ରକାରେ ପ୍ରତି ଗ୍ରାମରେ ଧାନ କିଣା କେନ୍ଦ୍ର ଖୋଲିବା ସହ ଅଖା ବାବଦରେ ଟଙ୍କା ଦେବା, ଟୋକେନ ଲ୍ୟାପ୍ସ ନହେବ ସେ ଉପରେ ଗୁରୁତ୍ୱ ଦିଆଯାଉ, ସୋସାଇଟି ଓ ମହିଳା ସଂଘକୁ ଦୈନିକ ୧୦୦ କ୍ୱିଣ୍ଟାଲ ଧାନ କିଣିବାକୁ ଅନୁମତି ଦେବା, ଧାନ କିଣା ସମସ୍ୟା ଶୁଣିବାକୁ ଟୋଲଫ୍ରି ନମ୍ବର ପ୍ରଚଳନ, ସବୁ ବ୍ଲକରେ ଏକପ୍ରକାର ଧାନ କିଣା ପ୍ରକ୍ରିୟା ଲାଗୁ ଆଦି ଦାବି କରାଯାଇଛି । ଅପରପକ୍ଷରେ ଧାନ କିଣା କିଭଳି ଶୃଙ୍ଖଳିତ ହୋଇପାରିବ ସେନେଇ ଗଞ୍ଜାମ ଜିଲାପାଳଙ୍କ ପକ୍ଷରୁ ଏକ ଗାଇଡଲାଇନ ଜାରି ହୋଇଥିବା ସୂଚନା ଦିଆଯାଇଛି । ଧାନ ବିକିବା ପାଇଁ ଟୋକେନ ଜାରି ହୋଇଥିବା ଚାଷୀଙ୍କ ତାଲିକା ପିପିସି ଓ ପଞ୍ଚାୟତ କାର୍ଯ୍ୟାଳୟରେ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ପିପିସିରେ ଓଜନ ମେସିନ, ପଲିଥିନ/ତାରପଲିନ ଓ ପାନୀୟଜଳ ରଖିବା ବାଧ୍ୟତାମୂଳକ କରାଯାଇଛି। କିଣାଯାଇଥିବା ଧାନ ଉକ୍ତ ଦିନ ହିଁ ମିଲର ମାନେ ସେଠାରୁ ଉଠାଇବେ। ଧାନ କିଣା ବେଳେ ୫ ରୁ ୭ କି.ଗ୍ରା ଅଧିକ ଧାନ ଚାଷୀମାନଙ୍କ ଠାରୁ ନିଆଯାଉଥିବା ଅଭିଯୋଗ ହେଉଛି। ଏହା ପ୍ରମାଣିତ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇଦିଆଯାଇଛି। ସପ୍ତାହର ସମସ୍ତ ଦିନରେ ଧାନ କିଣିବା, ଦୈନିକ ୧ହଜାର କ୍ୱିଣ୍ଟାଲ ଧାନ କିଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯୋଗାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଜିଲାରେ ଚଳିତ ଥର ୧ ଲକ୍ଷ ୪୬ ହଜାର ୫୪୧ ଜଣ ଚାଷୀଙ୍କ ଠାରୁ ଧାନ କିଣାଯିବ ଏବଂ ଏନେଇ ଏମାନେ ପଞ୍ଜିକୃତ ହୋଇଛନ୍ତି । ଗୁରୁବାର ସୁଦ୍ଧା ଏମାନଙ୍କ ମଧ୍ୟରୁ ୬୨ ହଜାର ୧୭୦ ଜଣ ଚାଷୀଙ୍କ ଠାରୁ ୨୬୪୭୪୩୨.୦୩ କ୍ୟୁଇଣ୍ଟାଲ (୫୭.୯୭ ପ୍ରତିଶତ) ଧାନ କିଣାଯାଇଥିବା ସୂଚନା ଦିଆଯାଇଛି।

# ଏମ୍‌କେସିଜି ଆର୍‌ଡିସିରେ ସିଙ୍ଗଲ ୱିଣ୍ଡୋ ଆରମ୍ଭ

ବ୍ରହ୍ମପୁର,୨୭।୧ (ସୁବାସ ଚନ୍ଦ୍ର ପାଢ଼ୀ): ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲ କଲେଜ ଓ ହସ୍ପିଟାଲ ଆଞ୍ଚଳିକ ରୋଗ ନିଦାନ କେନ୍ଦ୍ର (ଆରଡିସି)ରେ ଆରମ୍ଭ ହୋଇଛି ସିଙ୍ଗଲ ୱିଣ୍ଡୋ ସୁବିଧା । ଏହି ସେବାକୁ ଉଦଘାଟନ କରିଛନ୍ତି ଡିନ୍ ପ୍ରଫେସର ଡା.ସନ୍ତୋଷ କୁମାର ମିଶ୍ର। ରୋଗୀଙ୍କ ରକ୍ତ ନମୁନା ଗୋଟିଏ ଜାଗାରେ ସଂଗ୍ରହ ହେବ ଏବଂ ନିର୍ଦ୍ଧାରିତ ସମୟ ପ୍ରକାରେ ସେଠାରେ ହିଁ ରିପୋର୍ଟ ମିଳିବ। ରୋଗୀଙ୍କୁ ରକ୍ତ ନମୁନା ଧରି ଅଲଗା କୋଠା ଏବଂ ବିଭାଗକୁ ଦୌଡ଼ିବାକୁ ପଡିବନି। ରକ୍ତ ନମୁନା ପରୀକ୍ଷା ସେବାକୁ ସରଳୀକରଣ କରିବା ପାଇଁ ଏମକେସିଜି ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ବିଶେଷକରି ଆଉ ଖରାବେଳେ ଖାଇବା ଛୁଟି ମଧ୍ୟ ରହିବ ନାହିଁ । ସକାଳ ୯ଟାରୁ ସନ୍ଧ୍ୟା ସାଢ଼େ ୫ ପର୍ଯ୍ୟନ୍ତ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା କରାଯିବ ଏବଂ ରିପୋର୍ଟ ପ୍ରଦାନ କରାଯିବ। ପୂର୍ବରୁ ଅପରାହ୍ନ ଗୋଟାଏରୁ ୨ଟା ପର୍ଯ୍ୟନ୍ତ ଖାଇବା ଛୁଟି ରହୁଥିବାରୁ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସେମାନେ ଘରୋଇ ନିଦାନ କେନ୍ଦ୍ରକୁ ଯାଇ ନମୁନା ପରୀକ୍ଷା କରୁଥିଲେ ଏବଂ ଖର୍ଚ୍ଚାନ୍ତ ହେଉଥିଲେ । ରକ୍ତ ନମୁନାକୁ ନେଇ ବିଭିନ୍ନ ବିଭାଗକୁ ଯିବାକୁ ପଡୁଥିଲା। ବର୍ତ୍ତମାନ ସିଙ୍ଗଲ ୱିଣ୍ଡୋ ଖୋଲିବା ପରେ ରୋଗୀ ସମ୍ପର୍କୀୟ ଓ ରୋଗୀଙ୍କୁ ଏହି ସମସ୍ୟାରୁ ମୁକ୍ତି ମିଳିବ ବୋଲି ଆଶା କରାଯାଉଛି। ପ୍ରାୟ ୪୦ ପ୍ରକାର ପରୀକ୍ଷା ଉପଲବ୍ଧ ଥିବା ଆରଡିସି ଇନଚାର୍ଜ ପ୍ରଦୀପ କୁମାର ଶତପଥ କହିଛନ୍ତି। ଭାଇସ ପ୍ରିନ୍ସପାଲ ପ୍ରଫେସର ଡା. ନରେନ୍ଦ୍ର ବେହେରା, ଅଧୀକ୍ଷକ ପ୍ରଫେସର ଡା. ସୁଚିତ୍ରା ଦାଶ, ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡାଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ସବୁଠି ଉଡ଼ିଲା ତ୍ରିରଙ୍ଗା

ଦଶପଲ୍ଲା,୨୭।୧(ପ୍ରକାଶ କୁମାର ପାଣି)




ଗାନ୍ଧୀ ମଇଦାନରେ ଆୟୋଜିତ ଉତ୍ସବରେ ଯୋଗ ଦେଇଥିବା ଅତିଥି।

ଦଶପଲ୍ଲାରେ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସ୍ଥାନୀୟ ଗାନ୍ଧୀ ମଇଦାନଠାରେ ମିଳିତ ପରେଡ ଏବଂ ଜାତୀୟ ପତକା ଉତ୍ତୋଳନ ଅନୁଷ୍ଠିତ ହୋଇଥିଲା । ଏଥିରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା , ଏନଏସି ଅଧ୍ୟକ୍ଷା ଇଂ.ପୁନମ ପ୍ରିୟଦର୍ଶିନୀ ସମେତ ସରକାରୀ ଅଧିକାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ। ଏନ୍‌ଏସିର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ଉତ୍ସବରେ କୃତୀ ପ୍ରତିଯୋଗୀ ଏବଂ ବହୁ ବ୍ୟକ୍ତିଙ୍କୁ ସମ୍ମାନୀତ କରାଯାଇଥିଲା । ପ୍ରେସ କ୍ଲବରେ ସଭାପତି ସୁରେଶ କୁମାର ବେହେରା,ଥାନାରେ ଆଇଆଇସି ମୁକେଶ କୁମାର ବେହେରା, ତହସିଲ ଅଫିସରେ ତହସିଲଦାର, ବ୍ଲକରେ ବିଡିଓ, ଦୁର୍ଗା ବଜାରଠାରେ ବଣିକ ସଂଘ ସଭାପତି, କଂଗ୍ରେସ କାର୍ଯ୍ୟାଳୟ ଠାରେ ଜିଲା ସଭାପତି ରଣଜିତ ଦାଶ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

# ରେଳଧାରଣାରୁ ୨ ମୃତଦେହ ଜବତ

ବ୍ରହ୍ମପୁର, ୨୭।୧ (ସୁବାସ ଚନ୍ଦ୍ର ପାଢ଼ୀ) ସରକାରୀ ରେଳବାଇ ପୋଲିସ (ଜିଆରପି) ପୃଥକ ରେଳଧାରଣାରୁ ଶୁକ୍ରବାର ଦୁଇଜଣ ଯୁବକଙ୍କ ମୃତଦେହ ଜବତ କରିଛି। ଜଣେ ଟ୍ରେନରେ ଚଢିବା ବେଳେ ଟ୍ରେନରୁ ଖସି ଯିବାରୁ ତାଙ୍କ ଜୀବନ ଯାଇଛି। ଅନ୍ୟଜଣେ ବିଟେକ ଛାତ୍ର ଟ୍ରେନ ଆଗକୁ ଆସି ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଜଣେ ଝାରଖଣ୍ଡର ରାମଗଡ଼ର ରାମେଶ୍ୱର କିସକୁଙ୍କ ପୁଅ ଶ୍ରୀଲାଲ କିସକୁ(୩୮) ବୋଲି ଜଣାପଡିଛି। ମୃତକ ଜଣଙ୍କ କର୍ଣ୍ଣାଟକରେ ଏକ ସଂସ୍ଥାରେ କାମ କରୁଥିଲେ। ଏକ ଅତ୍ୟାବଶ୍ୟକ ଘରୋଇ କାମ ପାଇଁ ସେ କର୍ଣ୍ଣାଟକରୁ ଏକ ଟ୍ରେନରେ ବିଶାଖାପାଟଣା ଆସିଥିଲେ। ପୁଣି ସେଠାରୁ ଫାଲକନାମା ଏକ୍ସପ୍ରେସ ଟ୍ରେନରେ ସେ କୋଲକାତା ପାଇଁ ଟିକଟ କରିଥିବା ଜଣାପଡିଛି। ସେ ଜଗନ୍ନାଥପୁର ରେଳଷ୍ଟେସନରେ ଗାଡିଟି ଅଟକିବାରୁ ପ୍ଲାଟଫର୍ମକୁ ଓଲ୍ହାଇଥିଲେ। ଗାଡି ଛାଡୁଥିବା ଦେଖି ସେ ଟ୍ରେନରେ ଚଢିବା ବେଳେ ଅସାବଧାନତା ଯୋଗୁଁ ତାଙ୍କ ଗୋଡ ଖସିଯାଇଥିଲା। ଟ୍ରେନ ଚକା ତଳେ ପଡି ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ କହିଛି। ସେହିପରି ଶୁକ୍ରବାର ରାତି ୮’ଟା ସମୟରେ ଜଣେ ଯୁବକ ବ୍ରହ୍ମପୁର ରେଳଷ୍ଟେସନ ପ୍ଲାଟଫର୍ମ ୩ ଖୋର୍ଦ୍ଧା ପଟକୁ ଯାଉଥିବା ଏକ ଗୁଡ୍ସଟ୍ରେନ ଆଗକୁ ଯାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ଜଣଙ୍କ ଆସିକା ଥାନା ଅନ୍ତର୍ଗତ କେନ୍ଦୁପଦର ଗ୍ରାମର ଟୁକୁନା ବିଶ୍ୱାଳଙ୍କ ପୁଅ ତପୁ ବିଶ୍ୱାଳ (୧୯)। ସେ ଜଣେ ବିଟେକ ଛାତ୍ର ବୋଲି ଜଣାପଡିଛି।

# ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ




ଫୁଲବାଣୀ, ୨୭।୧(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ପୋଲିସ ରିଜର୍ଭ ପଡ଼ିଆରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ ମିଳିତ ପରେଡର ଅଭିବାଦନ ଗ୍ରହଣ କରି ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ। ଭାରତ ବର୍ଷର ମୁକ୍ତି ଆନ୍ଦୋଳନ ବେଳେ କନ୍ଧମାଳର ଚକରା ବିଶୋଇଙ୍କ ନେତୃତ୍ୱରେ କନ୍ଧମେଳି ହୋଇଥିଲା। ଆଜି ଆମେ ସାଧାରଣତନ୍ତ୍ର ଦିବସ ପାଳନ କରୁଛେ, ଏହି ଦିନ ସମ୍ବିଧାନ ପ୍ରଣୟନ ହୋଇଥିଲା। ଆମକୁ ଆଜି ଯୋଉ ଅଧିକାର ମିଳିଛି, ତାହା କେବଳ ସମ୍ବିଧାନ ପାଇଁ ଏବଂ ଏହି ଦିନ ଆମ ସମସ୍ତଙ୍କ ପାଇଁ ଚିର ସ୍ମରଣୀୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଶୁଭେନ୍ଦୁ ପାତ୍ର ମଞ୍ଚାସୀନ ଥିଲେ।

# ରଣପୁରରେ ସାଧାରଣତନ୍ତ୍ର ଦିବସ

ରଣପୁର, ୨୭।୧ (ସୁକାନ୍ତ କିଶୋର ଡାକୁଆ)



ରଣପୁରରେ ଛାତ୍ରମାନଙ୍କ ପରେଡ୍।

ଶୁକ୍ରବାର ନୟାଗଡ ଜିଲା ରଣପୁର ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ, କ୍ଲବ, ସାହି, ଗାଁ ଗହଳିରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇ ଯାଇଛି । ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ପଞ୍ଚୁଦୋଳ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ପରେଡରେ ଅଂଶ ଗ୍ରହଣ କରି ସହର ପରିକ୍ରମା କରିବା ପରେ ପଞ୍ଚୁଦୋଳ ପଡିଆରେ ପହଞ୍ଚିଥିଲେ । ରଣପୁର ତହସିଲଦାର ରବିନ ଚର୍ଚ୍ଚିଲ ମିଶ୍ର ଜାତୀୟ ପତକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହାପରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବି.ସି.ହାଇସ୍କୁଲର ପୂର୍ବତନ ଶିକ୍ଷକ ବିରଞ୍ଚିନାରାୟଣ ତ୍ରିପାଠୀ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି, ଆଇଆଇସି ନିହାର ରଞ୍ଜନ ମହାନ୍ତି, ରଣପୁର ଏନସିସିର ପୂର୍ବତନ ଶିକ୍ଷକ ହରିହର ନନ୍ଦ, ନବ କିଶୋର ରାୟ ପ୍ରମୁଖ ଉପସ୍ଥିତ ଥିଲେ । ରଣପୁର କୋର୍ଟ ପରିସରରେ ବରିଷ୍ଠ ଦେୱାନୀ ବିଚାରପତି ତଥା ସରକାରୀ ଦୌରାଜଜ ଅନୁଶ୍ରୁତି ଚୌଧୁରୀ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ପ୍ରଥମଶ୍ରେଣୀ ବିଚାରପତି ଗୌରୀଶଙ୍କର ପଣ୍ଡାଙ୍କ ସହ ସମସ୍ତ ଆଇନଜୀବୀ ଓ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ ।

# ପଦ୍ମ ସାରଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି

ଖଲ୍ଲିକୋଟ,୨୭।୧(ପ୍ରଶାନ୍ତ କୁମାର ମିଶ୍ର): ଖଲ୍ଲିକୋଟ ବ୍ଲକ ପୂର୍ବତନ ସ୍କୁଲ ଏସ୍‌ଆଇ ତଥା ଶିକ୍ଷାବିତ ସମାଜସେବୀ ସ୍ୱର୍ଗତ ପଦ୍ମ ଚରଣ ସାହୁଙ୍କ ଶନିବାର ଦ୍ୱାଦଶାହ ଦିବସ ପାଳନ ଅବସରରେ ତାଙ୍କ ନିଜ ଗ୍ରାମ ଭେଜିପୁଟ ସ୍ଥିତ ମୁକ୍ତେଶ୍ୱର ମନ୍ଦିର ନିକଟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା, ବିଡ଼ିଓ ଦେବାଶିଷ ସାମଲ, ବ୍ଲକ ବିଜେଡି ମହିଳା ସଭାପତି ମିତାଞ୍ଜଳି ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରଞ୍ଜିତ ସୁବୁଦ୍ଧି, ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ଚିକିତ୍ସକ ଡାକ୍ତର ପର୍ଶୁରାମ ବାରିକଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇ ସ୍ୱର୍ଗତପଦ୍ମ ସାରଙ୍କ ସ୍ମୃତି ଚାରଣ କରିଥିଲେ।

# ମେଶିନ ଭଡ଼ା ନେଇ ଠିକାଦାରଙ୍କ ଦାଦାଗିରି, ଟଙ୍କା ନ ଦେଇ ହତ୍ୟା ଉଦ୍ୟମ

ବ୍ରହ୍ମପୁର, ୨୭।୧ (ସୁବାସ ଚନ୍ଦ୍ର ପାଢ଼ୀ): ଜଣେ ଠିକାଦାର ପଥର ଫଟାଇବା ପାଇଁ ବ୍ୟବହୃତ ହେଉଥିବା ମେସିନକୁ ଭଡ଼ାରେ ନେଇ ଦାଦାଗିରି ଦେଖାଇଛନ୍ତି। ଟଙ୍କା ମାଗିବାରୁ ମାଲିକଙ୍କୁ ଘରକୁ ଡାକି ହତ୍ୟା ଉଦ୍ୟମ କରିଛନ୍ତି। ଏନେଇ ମାଲିକ ଜଗଦୀଶ ପାଢ଼ୀ ଏସ୍‌ଡିଜେଏମଙ୍କ କୋର୍ଟରେ ଏକ ୱାନସିସି ଫାଇଲ ଆବେଦନ କରିଛନ୍ତି। ଏସଡିଜେଏମଙ୍କ ନିର୍ଦ୍ଦେଶ ପ୍ରକାରେ ଟାଉନଥାନାରେ ନଂ.୩୪/୨୪ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଉକ୍ତ ଘଟଣାର ତଦନ୍ତ କରୁଛି। ନୂଆ ବାରାକ୍ସ ସାହି ବାସିନ୍ଦା ଜଗଦୀଶଙ୍କ ଏକ ଭଲଭୋ ହାଇଡ୍ରୋଲିକ ଏକ୍ସକାଭେଟର୍ ପଥର ଫୁଟାଇବା ପାଇଁ ବ୍ୟବହୃତ ମେସିନ ଥିଲା। ତା’କୁ ଭଡା ନେଇ କାମରେ ଲଗାଇବାକୁ ଖଲାସି ସାହିରେ ରହୁଥିବା ଜଣେ ଠିକାଦାର ଜଗଦୀଶଙ୍କ ସହ ଯୋଗାଯୋଗ କରିଥିଲେ। ଉଭୟଙ୍କ ମଧ୍ୟରେ ମାସିକ ଭଡା ଦେବାପାଇଁ ଚୁକ୍ତି ସ୍ୱାକ୍ଷର ହୋଇଥିଲା। କିନ୍ତୁ ଠିକାଦାର ଜଣଙ୍କ ଚୁକ୍ତିର ଖିଲାପ କରି ମାସିକ ଭଡା ତାଙ୍କୁ ଦେଇନଥିଲେ। ଏପରିକି କାର୍ଯ୍ୟସ୍ଥଳରୁ ମେସିନଟିକୁ ଅନ୍ୟତ୍ର ସ୍ଥାନାନ୍ତର କରି ତା’କୁ ଖରାପ କରିଦେଇଥିବା ଜଗଦୀଶ ଖବର ପାଇଥିଲେ। ସେ ତୁରନ୍ତ ମେସିନ ଲାଗିଥିବା କାର୍ଯ୍ୟସ୍ଥଳକୁ ଯାଇ ଦେଖିଲା ବେଳକୁ ମେସିନ ସେଠାରେ ନଥିଲା। ତେଣୁ ଚୁକ୍ତିର ଖିଲାପ କରିଥିବା ଦର୍ଶାଇ ମାସିକ ଭଡା ସହ ମେସିନକୁ ଫେରାଇ ଦେବାକୁ ସେ ଠିକାଦାରଙ୍କ ପାଖକୁ ଗତବର୍ଷ ଜୁଲାଇ ୨୯ରେ ଏକ ଓକିଲ ନୋଟିସ ପଠାଇଥିଲେ। କିନ୍ତୁ ସେ ଏହାକୁ ଅଣଦେଖା କରିଥିଲେ। ହୃଷୀକେଶ ଭେଟିବାକୁ ଚାହିଁବାରୁ ଠିକାଦାର ତାଙ୍କୁ ଗତ ଅକ୍ଟୋବର ୧୭ରେ ନିଜ ଘରକୁ ଡକାଇଥିଲେ। ହୃଷୀକେଶ ନିଜ ଭାଇ ସହ ତାଙ୍କ ଘରେ ପହଁଚିଥିଲେ। ସେ ସେଠାରେ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଏକ ଲୁହା ରଡରେ ମୁଣ୍ଡକୁ ଆକ୍ରମଣ ଉଦ୍ୟମ କରିଥିଲେ। କିନ୍ତୁ ହୃଷୀକେଶଙ୍କୁ ତାଙ୍କ ଭାଇ ଟାଣି ଦେବାରୁ ଲୁହା ରଡ଼ ତାଙ୍କ ମୁଣ୍ଡରେ ନବାଜି କାନ୍ଧରେ ବାଜିଥିଲା। ଠିକାଦାର ଉଭୟ ଜଗଦୀଶ ଓ ତାଙ୍କ ଭାଇଙ୍କୁ ଜୀବନରେ ମାରିଦେବାକୁ ଧମକଚମକ ଦେଇ ଚାଲିଯାଇଥିଲେ। ପରେ ସେମାନେ ଏନେଇ ଏସଡିଜେଏମ କୋର୍ଟରେ ୱାନସିସି ଫାଇଲ କରି ନ୍ୟାୟ ଆବେଦନ କରିଥିଲେ।

# ଜନରାଜ୍ୟ ଦିବସ ସମାରୋହ

ଭାପୁର, ୨୭।୧ (ଭରତ କୁମାର ବେହେରା )

ଭାପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ ତଥା ବେସରକାରୀ ଅନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଭାପୁର ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନ, ତହସିଲ, ଥାନା, ଭାପୁର ବଣିକ ସଓଘ, ବିଭିନ୍ନ କ୍ଲବ , ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପରିସରରେ ମଧ୍ୟ ସାଧାରଣତନ୍ତ୍ର ଦିବସ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଅନ୍ୟପକ୍ଷରେ ଭାପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବିଡ଼ିଓ ରଣଜିତ୍ କୁମାର ମଲିକଙ୍କ ତତ୍ତ୍ୱାବଧାନରେ ଜନରାଜ୍ୟ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିବା ସହିତ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏବିଡିଓ ସରୋଜ କୁମାର ନାୟକ, ସମସ୍ତ ବ୍ଲକର କର୍ମଚାରୀ, ଜନପ୍ରତିନିଧି, ଖବରଦାତା, ଭାପୁର ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ।

# ପୋଲିସ ଅଧିକାରୀଙ୍କ ଅଦଳବଦଳ

ବ୍ରହ୍ମପୁର,୨୭।୧ (ସୁବାସ ଚନ୍ଦ୍ର ପାଢ଼ୀ): ଦକ୍ଷିଣାଞ୍ଚଳ ରେଞ୍ଜର ବିଭିନ୍ନ ଜିଲାରେ କାର୍ଯ୍ୟରତ ପୋଲିସ ଅଧିକାରୀଙ୍କ ଅଦଳ ବଦଳ ହୋଇଛି । ବ୍ରହ୍ମପୁର, ଗଞ୍ଜାମ, ଗଜପତି, ବୌଦ୍ଧ ଓ କନ୍ଧମାଳ ଜିଲାରେ କାର୍ଯ୍ୟରତ ୧୫ ପୋଲିସ ଇନ୍ସପେକ୍ଟର, ୧୬ ସବ ଇନ୍ସପେକ୍ଟର ଓ ୩ ଆସିଷ୍ଟାଣ୍ଟ ସବ ଇନ୍ସପେକ୍ଟରଙ୍କୁ ବଦଳି କରାଯାଇଛି। ବ୍ରହ୍ମପୁର ପୋଲିସ ଜିଲାରେ କାର୍ଯ୍ୟରତ ଇନ୍ସପେକ୍ଟର ଦୀପ୍ତିରଞ୍ଜନ ବେହେରାଙ୍କୁ କନ୍ଧମାଳ ଜିଲା, ଟାଉନ ଥାନା ଅଧିକାରୀ ଇନ୍ସପେକ୍ଟର ସୁରେଶ କୁମାର ତ୍ରିପାଠୀଙ୍କୁ ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟକୁ, ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ଇନ୍ସପେ୍ଟର ରାମ କୁମାର ମୂର୍ମୁଙ୍କୁ ବୌଦ୍ଧ ଜିଲାକୁ, ଅହଲ୍ୟା ମହାରଣାଙ୍କ କନ୍ଧମାଳ ଜିଲାକୁ, ଗଞ୍ଜାମ ପୋଲିସ ଜିଲାରେ କାର୍ଯ୍ୟରତ ଇନ୍ସପେକ୍ଟର ସବ୍ୟସାଚୀ ମଲ୍ଲଙ୍କ ଗଜପତି ଜିଲାକୁ, ପି. ସ୍ୱରୂପ କିଷାନଙ୍କ କନ୍ଧମଳ ଜିଲାକୁ ବଦଳି ହୋଇଛି। ଗଜପତି ପୋଲିସ ଜିଲାରେ କାର୍ଯ୍ୟରତ ଇନ୍ସପେକ୍ଟର ଅଶୋକ କୁମାର ହାଂସଦାଙ୍କ ଗଞ୍ଜାମ ପୋଲିସ ଜିଲାକୁ ବଦଳି ହୋଇଥିବା ବେଳେ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ମଲ୍ଲିକଙ୍କ ବ୍ରହ୍ମପୁରକୁ, କନ୍ଧମାଳ ଜିଲାରେ କାର୍ଯ୍ୟରତ ଅଜୟ କୁମାର ସ୍ୱାଇଁଙ୍କ ଗଞ୍ଜାମ ପୋଲିସ ଜିଲା, ବୌଦ୍ଧ ଜିଲାରେ କାର୍ଯ୍ୟରତ ଗୋପୀନାଥ ପ୍ରଧାନଙ୍କ କନ୍ଧମାଳ ଓ କନ୍ଧମାଳ ଜିଲାରେ କାର୍ଯ୍ୟରତ ଇନ୍ସପେକ୍ଟର ଦେବେନ୍ଦ୍ର କୁମାର ସାହୁଙ୍କ ବ୍ରହ୍ମପୁର ପୋଲିସ ଜିଲାକୁ ବଦଳି ହୋଇଛି । ସେହିପରି ବୌଦ୍ଧ ପୋଲିସ ଜିଲାରେ ସବ ଇନ୍ସପେକ୍ଟର(ଏସଆଇ) ଭାବେ କାର୍ଯ୍ୟରତ ଲିସାରାଣୀ ସେଠୀ, ବିନୋଦଚନ୍ଦ୍ର କଅଁର, ବାଲ୍ମୀକି ପ୍ରଧାନ, ଗଣନାଥ ଥାନାପତି, ଜ୍ଞାନେନ୍ଦ୍ର କୁମାର ମିଶ୍ରଙ୍କ ବ୍ରହ୍ମପୁର ପୋଲିସ ଜିଲାକୁ ବଦଳି ହୋଇଥିବା ବେଳେ ପୂର୍ଣ୍ଣଚନ୍ଦ୍ର କିଷାନ, ଦୁଲରାମ ମହାନନ୍ଦ, ସସ୍ମିତା ମଗର ଓ ବଂଶୀଧର ମଲ୍ଲିକଙ୍କ ଗଞ୍ଜାମ ପୋଲିସ ଜିଲାକୁ ବଦଳି ହୋଇଛି। ବ୍ରହ୍ମପୁର ପୋଲିସ ଜିଲାରେ କାର୍ଯ୍ୟରତ ସବ ଇନ୍ସପେକ୍ଟର ଯଶୋବନ୍ତ କଅଁର, ମଧୁସ୍ମିତା ପ୍ରଧାନ, ମହେନ୍ଦ୍ର ବେହେରା, ମାଧବଚନ୍ଦ୍ର ତକ୍ରିଙ୍କ ବୌଦ୍ଧ ପୋଲିସ ଜିଲାକୁ ବଦଳି ହୋଇଛି। ଗଞ୍ଜାମ ପୋଲିସ ଜିଲାରେ କାର୍ଯ୍ୟରତ ବାବୁଲା ରାଉଳ, ଆର୍ତ୍ତତ୍ରାଣ ଦାନୀ, ସାନ୍ତନୁ କୁମାର ଦିଗାଲଙ୍କ ବୌଦ୍ଧ ପୋଲିସ ଜିଲାକୁ ବଦଳି ହୋଇଛି । ସେହିପରି ବ୍ରହ୍ମପୁର ପୋଲିସ ଜିଲାରେ ଆସିଷ୍ଟାଣ୍ଟ ସବ ଇନ୍ସପେକ୍ଟର(ଏଏସଆଇ) ଭାବେ କାର୍ଯ୍ୟରତ ଅଶ୍ୱିନୀ କୁମାର ବିଶ୍ୱାଳଙ୍କ କନ୍ଧମାଳ ଜିଲାକୁ ବଦଳି ହୋଇଥିବା ବେଳେ ଗୋବିନ୍ଦ ମଲ୍ଲିକଙ୍କ ବୌଦ୍ଧ ଜିଲାକୁ ବଦଳି ହୋଇଛି। କନ୍ଧମାଳ ଜିଲାରେ କାର୍ଯ୍ୟରତ ଏଏସଆଇ ସୁବାଷଚନ୍ଦ୍ର ନାୟକଙ୍କ ଡେପୁଟେସନରେ ବ୍ରହ୍ମପୁର ପୋଲିସ ଜିଲାକୁ ବଦଳି ହୋଇଛି । ବ୍ରହ୍ମପୁର ଠାରେ ବସିଥିବା ଦକ୍ଷିଣାଞ୍ଚଳ ରେଞ୍ଜ ପୋଲିସ ଏଷ୍ଟାବ୍ଲିସମେଣ୍ଟ ବୋର୍ଡ ବୈଠକର ଅନୁମୋଦନ ପରେ ସତ୍ୟବ୍ରତ ଭୋଇଙ୍କ ପକ୍ଷରୁ ବଦଳି ଆଦେଶ ପ୍ରକାଶ ପାଇଛି ।

# ଦିଗପହଣ୍ଡିରେ କଂଗ୍ରେସର ଯୁବ ଆକ୍ରୋଶ ସମାବେଶ

ଦିଗପହଣ୍ଡି,୨୭।୧(ଅଶେଷ ନାଥ ମିଶ୍ର)



ଶୋଭାଯାତ୍ରାରେ ସାନଖେମୁଣ୍ଡି ବିଧାୟକ ଓ ଦଳୀୟ କାର୍ଯ୍ୟକର୍ତ୍ତା।

ସାଧାରଣତନ୍ତ୍ର ଦିବସ ଅବସରରେ ଦିଗପହଣ୍ଡିଠାରେ ଯୁବ କଂଗ୍ରେସର ବିଶାଳ ବାଇକ୍ ଶୋଭାଯାତ୍ରା ସହ ଯୁବ ଆକ୍ରୋଶ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲା କଂଗ୍ରେସ କମିଟି ସଭାପତି ତଥା ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀ ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରାରେ ୨୦ ହଜାରରୁ ଊର୍ଦ୍ଧ୍ୱ ଯୁବ କଂଗ୍ରେସ କର୍ମୀଙ୍କ ସମାବେଶ ହୋଇଥିବା ବେଳେ ଦିଗପହଣ୍ଡି-ବ୍ରହ୍ମପୁର ମୁଖ୍ୟରାସ୍ତାରେ ଟ୍ରାଫିକ୍ ନିୟନ୍ତ୍ରଣ ଅସମ୍ଭାଳ ହୋଇପଡ଼ିଥିଲା। ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକର ଆମ୍ବଗଡ଼ଠାରେ ବିଧାୟକ ପହଞ୍ଚିବା ପରେ ଦଳୀୟ କର୍ମୀଙ୍କ ସମେତ ବହୁ ମହିଳା ପୁଷ୍ପମାଲ୍ୟ ଦେଇ ବିପୁଳ ସମ୍ବର୍ଦ୍ଧନା ଜଣାଇଥିଲେ। ଏହାପରେ ୮ ହଜାରରୁ ଊର୍ଦ୍ଧ୍ୱ ବାଇକ୍‌ରେ ଛାତ୍ର ଓ ଯୁବ କଂଗ୍ରେସ କର୍ମୀମାନେ ଶୋଭାଯାତ୍ରାରେ ବାହାରି ଦିଗପହଣ୍ଡି ସହରରେ ପହଞ୍ଚିଥିଲେ। ଦିଗପହଣ୍ଡି ସହର ଏକପ୍ରକାର ଜନସମୁଦ୍ର ପାଲଟି ଯାଇଥିବା ବେଳେ ଜନସାଧାରଣଙ୍କ ଗମନାଗମନରେ ବାଧାପ୍ରାପ୍ତ ହେବା ସହ ୧ ଘଣ୍ଟା ଯାଏ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ଏହାପରେ ଚାମୁଣ୍ଡା ଦେବୀ ପାହାଡ଼ ପାଦଦେଶରେ ଅନୁଷ୍ଠିତ ଯୁବ ଆକ୍ରୋଶ ସମାବେଶରେ ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆସନ୍ତା ୨୦୨୪ ନିର୍ବାଚନରେ ଦିଗପହଣ୍ଡି ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କୁ କଂଗ୍ରେସ ସଙ୍ଗଠନକୁ ଦୃଢ଼ କରିବା ଏବଂ ଦୁର୍ନୀତିରେ ଗନ୍ଧାଘର କୁହାଯାଉଥିବା ନିର୍ବାଚନ ମଣ୍ଡଳୀକୁ ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ସମାବେଶ ଶୋଭାଯାତ୍ରାରେ ଯୁବ କଂଗ୍ରେସ ରାଜ୍ୟ ସଭାପତି ରଞ୍ଜିତ ପାତ୍ର, ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ୟାସିର ନୱାଜ, ଛାତ୍ର କଂଗ୍ରେସ ଜିଲା ସଭାପତି ବିକାଶ ପଶୁପାଳକ, ଦିଗପହଣ୍ଡି ଏନ୍‌ଏସି ନଗରପାଳ ପ୍ରଫୁଲ୍ଲ ପଣ୍ଡା, ନଗର କଂଗ୍ରେସ ସଭାପତି ଦୀପକ କୁମାର ମିଶ୍ର, ଜିଲା କଂଗ୍ରେସ କମିଟି ସମ୍ପାଦକ କେ. କୁନା, ଖଲ୍ଲିକୋଟ ବିଧାୟକ ପ୍ରାର୍ଥୀ ଭୋକାଲି ସେଠୀ, କଂଗ୍ରେସ ନେତା ସାକା. ସୁଜିତ, ମହିଳା କଂଗ୍ରେସ ସଭାନେତ୍ରୀ ସୁବାସିନୀ ପଟ୍ଟନାୟକ, କାଉନସିଲର ସୁନୀଲ ପଣ୍ଡା, ସନ୍ତୋଷିନୀ ବେହେରା, ଇ. ଗାୟତ୍ରୀ, ମାମାନି ବେହେରାଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

